ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

ତେଜସ୍ୱିନୀ

Page - 08 Rs. 7.00

ବର୍ଷ-୧୬, ସଂଖ୍ୟା-୪୪, ଭୁବନେଶ୍ୱର: ନଭେମ୍ବର ୧୦-୧୬, ୨୦୨୫ Vol-16, Issue-44 Bhubaneswar : November 10-16, 2025

RNI NO.ODIODI/2010/33715

# ଓଡ଼ିଶାରେ ଗଡ଼ିବ ହାଇଡ୍ରୋଜେନ୍ ଗାଡ଼ି

ଭୁବନେଶ୍ୱର: ଭୁବନେଶ୍ୱର ସ୍ଥିତ ଜନତା ମୈଦାନରେ ୮୪ତମ ରୋଡ କଂଗ୍ରେସ ସମାବେଶ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ର ପରିବହନ ମନ୍ତ୍ରୀ ନୀତୀନ ଗଡ଼କରୀ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ସମୟରେ ନୀତୀନ ଗଡ଼କରୀ ବଡ଼ ଘୋଷଣା କରି କହିଛନ୍ତି, ଓଡ଼ିଶା ସମେତ କିଛି ରାଜ୍ୟରେ ହାଇଡ୍ରୋଜେନ ଗାଡ଼ି ଚାଲିବ। ପାଇଲଟ୍ ପ୍ରୋଜେକ୍ଟରେ ଓଡ଼ିଶା ସମେତ କିଛି ରାଜ୍ୟରେ ଚାଲିବ। ହାଇଡ୍ରୋଜେନ ଆମେ ପ୍ରସ୍ତୁତ କରୁଛୁ, ଏହା ହେଉଛି ଭବିଷ୍ୟତ। ଦେଶର ଚାଷୀ କେବଳ ଅନ୍ନଦାତା ନୁହନ୍ତି, ଇନ୍ଧନଦାତା ମଧ୍ୟ। ଏବେ ଚାଷୀ ଇଥାନଲ ପ୍ରସ୍ତୁତ କରୁଛି, ନଡ଼ା ଓ ବାଉଁଶରୁ ଇନ୍ଧନ ପ୍ରସ୍ତୁତ ହେଉଛି। ଏହାକୁ ଓଡ଼ିଶା ସରକାର ପ୍ରୋତ୍ସାହନ କରିବା ଉଚିତ୍ ବୋଲି ଗଡ଼କରୀ କହିଛନ୍ତି।

ରୋଡ୍ସ କଂଗ୍ରେସ ସମାବେଶରେ କେନ୍ଦ୍ର ମନ୍ତ୍ରୀ ସମ୍ବୋଧନ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଦେଶରେ ସଡ଼କ ନିର୍ମାଣରେ ଦ୍ରୁତ ବିକାଶ ହୋଇଛି। ବିଭାଗ ପାଖରେ ୧୫ ଲକ୍ଷ କୋଟି ଟଙ୍କା ପଡ଼ିରହିଛି। ଅର୍ଥର କୌଣସି ଅଭାବ ନାହିଁ, ମୁଖ୍ୟ ସମସ୍ୟା ହେଉଛି ଖର୍ଚ୍ଚ କରିବା। ଅର୍ଥ ଖର୍ଚ୍ଚ କରିବାକୁ ହେଲେ ସକରାତ୍ମକ ଚିନ୍ତା ଓ ଟ୍ରାନ୍ସପରେନ୍ସି ଆବଶ୍ୟକ। ଏଥିସହ ଶୀଘ୍ର ନିଷ୍ପତ୍ତି ନେବା ଦରକାର, ଯାହା ବି ନିଷ୍ପତ୍ତି ନିଅନ୍ତୁ ଶୀଘ୍ର ନିଅନ୍ତୁ। ସଚ୍ଚୋଟ ବି ହେବା ଦରକାର, ଶୀଘ୍ର ନିଷ୍ପତ୍ତି ମଧ୍ୟ ନେବା ଆବଶ୍ୟକ। ଦେଶକୁ ଆଗକୁ ନେବାକୁ ହେଲେ ଏସବୁ ଆବଶ୍ୟକ ବୋଲି ଗଡ଼କରୀ କହିଛନ୍ତି।

ତେଜସ୍ୱିନୀ

## ବିଶେଷ ଦୃଷ୍ଟି ଆକର୍ଷଣ

- ବାନ୍ଧବଗଡ଼ ଜାତୀୟ ଉଦ୍ୟାନ
- ଶଙ୍ଖ ବଢ଼ାଏ ଧନ ସମ୍ପତ୍ତି
- ନବଜାତ ଶିଶୁ କାନ୍ଦନ୍ତି କାହିଁକି
- ପ୍ରାଣଘାତୀ ପାଦ ଘା'

## ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ

# ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତାର ପ୍ରତୀକ। ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ ମଠ' ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଜଗାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକ ସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ତମ କାର୍ଯ୍ୟକ୍ରମର ଉଦ୍‌ଘାଟନ ଅବସରରେ କହିଥିଲେ।



ସୂଚନା ଯୋଗ୍ୟ ଯେ, ଲୋକସେବା ଭବନ ସ୍ଥିତ ପ୍ରାଙ୍ଗଣରେ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ଦିଲ୍ଲୀଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମ ଏବଂ ରାଷ୍ଟ୍ରଗୀତ ବନ୍ଦେ ମାତରମ୍‌ର ସାମୁହିକ ଗାନରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ ଏହି ଗୀତର ଲୋକପ୍ରିୟତା ଓ ପ୍ରଭାବକୁ ଦେଖି ବ୍ରିଟିଶ ଶାସକମାନେ ବନ୍ଦେ ମାତରମ୍‌କୁ ବ୍ୟାନ୍ କରିଥିଲେ, ଯାହା ଏହି ଗୀତର ଶକ୍ତିର ସ୍ପଷ୍ଟ ପ୍ରମାଣ। ଆମେ କେଉଁ ଭାଷା, କେଉଁ ଧର୍ମ ବା କେଉଁ ଅଞ୍ଚଳର ହେଲେ ବି, ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ। ବନ୍ଦେ ମାତରମ୍ ଆମ ହୃଦୟରେ ସେହି ଦେଶପ୍ରେମର ଅଗ୍ନିକୁ ପୁନଃ ଜାଗୃତ କରେ। ଯୁବପିଢ଼ି, ପିଲାମାନେ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହି ବର୍ଷବ୍ୟାପୀ ପାଳନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅଭିମତ ଦେଇଥିଲେ। ଆମେ ସମସ୍ତେ ସାରା ଭାରତର ଲୋକ, କାଶ୍ମୀରରୁ କନ୍ୟା କୁମାରୀ ପର୍ଯ୍ୟନ୍ତ, ବନ୍ଦେ ମାତରମ୍‌କୁ ସାମୁହିକ ଭାବେ ଗାନ୍ କରିବାର ପ୍ରଭାବ ଖୁବ୍ ସୁଦୂରପ୍ରସାରୀ। ବିଶେଷ କରି ଛୋଟ ଛୋଟ ପିଲା, ଛାତ୍ର ଓ ଯୁବକ ମାନଙ୍କ ଉପରେ ଏହାର ଖୁବ୍ ପ୍ରଭାବ ରହିବ। ଆଗାମୀ ଦିନରେ ଏହା ରାଷ୍ଟ୍ରବାଦକୁ ଏକ ନୂଆ ସଜ୍ଞା ଦେବାରେ ସଫଳ ହେବ। ଆଗାମୀ ଏକବର୍ଷ ଧରି ସମସ୍ତ ଜିଲ୍ଲାରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କ ମାଧ୍ୟମରେ ସାମୁହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ ଚାଲିବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଭାରତ ମାତାର ଗୌରବକୁ ସାରା ପୃଥିବୀରେ ପରିବ୍ୟାପ୍ତ କରିବା ପାଇଁ ସଂକଳ୍ପବଦ୍ଧ ହେବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର୍ ଅନୁ ଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସହ ସମସ୍ତ ବିଭାଗୀୟ ସଚିବ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାନ କରିଥିଲେ।

# ଓଡ଼ିଆ ଝିଅ 'ତାଦାଶା' ଝାଡ଼ଖଣ୍ଡ ଡିଜିପି

ଭୁବନେଶ୍ୱର: ଓଡ଼ିଶାରେ ଜନ୍ମିତ ବରିଷ୍ଠ ଆଇପିଏସ୍ ଅଧିକାରୀ ତାଦାଶା ମିଶ୍ର ଝାଡ଼ଖଣ୍ଡର କାର୍ଯ୍ୟକାରୀ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପଦବୀରେ ଅବସ୍ଥାପିତ ହେବାରେ ସେ ହେଉଛନ୍ତି ଝାଡ଼ଖଣ୍ଡ ପୁଲିସ୍ ଫୋର୍ସର ପ୍ରଥମ ମହିଳା ମୁଖ୍ୟ। ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଫିସର ତାଦାଶା ମିଶ୍ର, ପୂର୍ବତନ ଡିଜିପି ଅନୁରାଗ ଗୁପ୍ତାଙ୍କ ସ୍ୱେଚ୍ଛାକୃତ ଅବସର ପରେ ନଭେମ୍ବର ୭ ତାରିଖରୁ 'ଇନ୍-ଚାର୍ଜ ଡିଜି ଓ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ପୋଲିସ' ଭାବେ ନିଯୁକ୍ତ ହୋଇଛନ୍ତି। ଡିସେମ୍ବର ୩୧, ୨୦୨୫ରେ ସେ ଅବସର ନେବା ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହା ପୂର୍ବରୁ ସେ ରାଜ୍ୟର ଗୃହ ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ବାହିନୀରେ ଲିଙ୍ଗଗତ ସମାନତା ଏବଂ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ସେ ଜଣାଶୁଣା। କାର୍ଯ୍ୟରତ ମହିଳା ଅଧିକାରୀଙ୍କ ପାଇଁ ଶିଶୁ ଯତ୍ନ କେନ୍ଦ୍ର ଓ କ୍ଷେତ୍ର ଦାୟିତ୍ୱରେ ସମାନ ସୁଯୋଗ ପାଇଁ ସେ ଦୃଢ଼ ସମର୍ଥନ କରି ଆସିଛନ୍ତି। କର୍ମଚାରୀମାନେ ତାଙ୍କ ନେତୃତ୍ୱକୁ ସହାନୁଭୂତିପୂର୍ଣ୍ଣ କିନ୍ତୁ ଦୃଢ଼ ବୋଲି ବର୍ଣ୍ଣନା କରୁଛନ୍ତି ଏବଂ ସେ ସମଗ୍ର ଭାରତର ମହିଳା ଅଧିକାରୀମାନଙ୍କ ପାଇଁ ଜଣେ ଆଦର୍ଶ ପାଲଟିଛନ୍ତି। ଅବଶ୍ୟ, ରାଜ୍ୟ ସରକାର ଖୁବ୍ ଶୀଘ୍ର ଜଣେ ପୂର୍ଣ୍ଣକାଳୀନ ଡିଜିପିଙ୍କ ନାମ ଘୋଷଣା କରିବେ ବୋଲି ଆଶା କରାଯାଉଛି। ତେବେ ଏହା ପୂର୍ବରୁ ତାଦାଶା ମିଶ୍ରଙ୍କ ନେତୃତ୍ୱ ଝାଡ଼ଖଣ୍ଡ ପୋଲିସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେବ।

# ଚିର ନିଦ୍ରାରେ ଦେବୀ ରଥ

ଭୁବନେଶ୍ୱର: ଯାତ୍ରା ଜଗତର ଜେଲ ଟାଇଗର୍ ଜାଗା ଦାସ ଚିର ନିଦ୍ରାରେ। 'ସେଇଦିନୁ ଜଗା ଦାସ ଗାଁକୁ ଫେରିନିଁ' ନାଟକରେ ଅଭିନୟ କରି ଯାତ୍ରା ଜଗତରେ ଚହଳ ସୃଷ୍ଟି କରିଥିବା ବାଦଶାହା କଳାକାର ଦେବୀ ରଥ ଆଉନାହାନ୍ତି। ମୃତ୍ୟୁବେଳକୁ ତାଙ୍କୁ ୭୧ ବର୍ଷ ବୟସ ହୋଇଥିଲା। ଡିଜେ ସାଉଣ୍ଡ୍ ଯୋଗୁ ତାଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ସ୍ଥାନୀୟ ପୁଲିସ ତଦନ୍ତ ଚଳାଇଛି। ଜଗତସିଂହପୁର ଜିଲ୍ଲା ପାରାଦ୍ୱୀପଗଡ଼ରେ ଜନ୍ମଗ୍ରହଣ କରିଥିଲେ ଏହି ମହାନ ଯାତ୍ରା କଳାକାର ଦେବୀ ପ୍ରସାଦ ରଥ। ୧୬ ବର୍ଷ ବୟସରୁ ବୀଣାପାଣି କଳାକୁଞ୍ଜ ବା ତାରପୁର ଅପେରାରୁ ଅଭିନୟ ଆରମ୍ଭ କରିଥିବା ଦେବୀ ରଥ ଦୀର୍ଘ ୫୦ ବର୍ଷ କାଳ ବିଭିନ୍ନ ଯାତ୍ରାନୁଷ୍ଠାନରେ ଶତାଧିକ ନାଟକରେ ଅଭିନୟ କରି ଦର୍ଶକଙ୍କ ହୃଦୟ ଜିଣିପାରିଥିଲେ। ତାଙ୍କ ଅଭିନୀତ ଜେଲ ଟାଇଗର, ସେଇଦିନୁ ଜଗା ଦାସ ଗାଁକୁ ଫେରିନି, ମହାଭାରତ, ଡିମିରିଫୁଲ, ବାଟ ଛାଡ଼ ଷଣ୍ଢ ଆସୁଛି ଆଦି ମଞ୍ଚ ନାଟକ ତାଙ୍କୁ ଦର୍ଶକ ମହଲରେ ବେଶ ପରିଚିତ କରାଇପାରିଥିଲା। ସେହି ମହାନ ଯାତ୍ରା କଳାକାରଙ୍କ ବିୟୋଗରେ ବିଭିନ୍ନ କଳାକାର ମହଲ ତଥା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଗତ କିଛି ଦିନ ହେବ ସେ ଅସୁସ୍ଥତା କାରଣରୁ ଅଭିନୟ ଠାରୁ ଦୂରେଇ ରହିଥିଲେ। ତାଙ୍କର ମରଶରୀରକୁ ଗାଁ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଅନ୍ୟପକ୍ଷରେ କାର୍ତ୍ତିକ ପୂର୍ଣ୍ଣିମା ଶୋଭାଯାତ୍ରା ବେଳେ ଡିଜେର ବିକଟାଳ ଶବ୍ଦ ଯୋଗୁ ବାପାଙ୍କର ହୃଦ୍‌ଘାତ ହୋଇ ମୃତ୍ୟୁ ଘଟିଥିବା ଅଭିଯୋଗ କରିଛନ୍ତି ତାଙ୍କ ପୁଅ ସମ୍ବିତ ରଥ।

# ଖରିଫ୍ ଧାନ କ୍ୱିଣ୍ଟାଲ୍ ପିଛା ୬୯ ଟଙ୍କା ବୃଦ୍ଧି

ଭୁବନେଶ୍ୱର: ଚଳିତ ଖରିଫ ଋତୁରେ ଧାନ କ୍ୱିଣ୍ଟାଲ୍ ପିଛା ଆଉ ୬୯ ଟଙ୍କା ଅଧିକ ପାଇବେ ଚାଷୀ। ବର୍ଦ୍ଧିତ ଏମ୍ଏସ୍‌ପି ଅନୁଯାୟୀ ଚାଷୀଙ୍କୁ ଅଧିକ ୬୯ ଟଙ୍କା ଦେବେ ସରକାର। ଏଣିକି ୩୧୦୦ ବଦଳରେ ଧାନ କ୍ୱିଣ୍ଟାଲ୍ ପିଛା ୩୧୬୯ ଟଙ୍କା ଦେବେ ସରକାର। ସରକାରଙ୍କର ଏହି ନିଷ୍ପତ୍ତିକୁ ଚାଷୀମାନେ ସ୍ୱାଗତ କରିଛନ୍ତି। କେନ୍ଦ୍ର ବିଜେପି ସରକାର ଧାନ କ୍ୱିଣ୍ଟାଲ୍ ପିଛା ବର୍ଦ୍ଧିତ ଏମ୍ଏସ୍‌ପି ୨୩୬୯ ଟଙ୍କା ସ୍ଥିର କରିଥିବା ବେଳେ ରାଜ୍ୟ ସରକାର କ୍ୱିଣ୍ଟାଲ୍ ପିଛା ଦେଉଛନ୍ତି ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି। ଏସବୁକୁ ମିଶାଇଲେ ଚାଷୀଙ୍କୁ ଗ୍ରେଡ୍ ଏ ଧାନ କ୍ୱିଣ୍ଟାଲ୍ ପିଛା ମିଳିବ ୩୧୮୯ ଟଙ୍କା। ଏନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପଟେ ଧାନ ବିକ୍ରି ପଞ୍ଜୀକରଣରେ ବ୍ୟାପକ ତ୍ରୁଟି ଦେଖାଦେଇଛି। ଏହି ତ୍ରୁଟି ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେପି ସାଂସଦ ପ୍ରଦୀପ ପୁରୋହିତ। ଅନେକ ଚାଷୀ ଧାନ ବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଏହି ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ବିଜେପି ସାଂସଦ ପ୍ରଦୀପ ପୁରୋହିତ। ସେ କହିଛନ୍ତି ଯେ ତାଙ୍କ ଲୋକସଭା କ୍ଷେତ୍ର ବରଗଡ଼ ଓ ଝାରସୁଗୁଡ଼ା ଜିଲ୍ଲାର ଧାନ ବିକ୍ରି ପାଇଁ ପାଖାପାଖି ୫ ହଜାର ଚାଷୀ ପଞ୍ଜିକରଣ କରିପାରି ନାହାନ୍ତି । ତେଣୁ ଏହି ଚାଷୀମାନେ କିପରି ମଣ୍ଡିରେ ଧାନ ବିକିବେ ତାର ବ୍ୟବସ୍ଥା କରିବାକୁ ବିଜେପି ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ଟ୍ରମ୍ପଙ୍କ ଶାସନ

ଜନ୍ମଗତ ଅଧିକାର ଓ ଆଶୀର୍ବାଦକୁ ନେଇ ରାଜାମାନେ ଶାସନ କରିଥାଆନ୍ତି। ସେମାନେ ମଧ୍ୟ ଭୟ ପ୍ରଦର୍ଶନ କରି ଶାସନ କରନ୍ତି। ଚଳିତ ମାସରେ ଅନେକ ଲକ୍ଷ ଆନ୍ଦୋଳନକାରୀ ଯେତେବେଳେ ରାଜରାସ୍ତାକୁ ଆସି 'ନୋ କିଙ୍ଗ୍ସ ବା କେହି ରାଜା ନୁହନ୍ତି' ବୋଲି କହିଥିଲେ, ସେତେବେଳେ ଡୋନାଲ୍ଡ ଟ୍ରମ୍ପ୍ ନିଜ ରାଜାଭିଷେକର ଏକ ଏଆଇ ସୃଷ୍ଟ ଭିଡିଓ ପୋଷ୍ଟ କରିଥିଲେ। ତା'ପର ଦିନ ସେ ରାଜା ନୁହନ୍ତି ବୋଲି କହିଥିଲେ। ଏଣୁ ସେ ରାଜା ନା ରାଜା ନୁହନ୍ତି? ଯୁବ ପୋଡ୍‌କାଷ୍ଟର ବ୍ରିଲିନ ହଲିହାଣ୍ଡ ଏହି ପ୍ରଶ୍ନର ଉତ୍ତର ରଖିଥିଲେ ଯେ, ଆମେରିକାରେ କେହି ରାଜା ନାହାନ୍ତି। ସେ ମଧ୍ୟ କହିଥିଲେ, ଟ୍ରମ୍ପଙ୍କ ଭିଡିଓ କେବଳ ମଜାଳିଆ ଟ୍ରୋଲିଂ। କିନ୍ତୁ ପ୍ରକୃତ ପ୍ରଶ୍ନ ହେଉଛି ଅତୀତରେ ସମ୍ରାଟ୍‌ମାନଙ୍କ ପାଖରେ ଯେଉଁ ପ୍ରକାର କ୍ଷମତା ଥିଲା, ତାହା ଟ୍ରମ୍ପ ପାଇବା ପାଇଁ ଚେଷ୍ଟା କରୁଛନ୍ତି କି। ଟ୍ରମ୍ପ୍ ବନାମ ଆମେରିକା ମାମଲାରେ ସୁପ୍ରିମକୋର୍ଟ ରାୟ ଦେବା ପରେ ରାଷ୍ଟ୍ରପତିମାନଙ୍କର ମୂଳ ସାମ୍ବିଧାନିକ କାର୍ଯ୍ୟଗୁଡ଼ିକ ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ରହିଛି ଏବଂ ଅନ୍ୟ ସରକାରୀ କାର୍ଯ୍ୟ ପାଇଁ ସମ୍ଭାବ୍ୟ ସ୍ୱାଧୀନତା ରହିଛି। ଏହା କେନ୍ଦ୍ରୀକୃତ କାର୍ଯ୍ୟପାଳିକାର କାର୍ଯ୍ୟ ପ୍ରତି ଆହ୍ୱାନ ସୃଷ୍ଟି କରିବା ସହ ଏହାକୁ ଆହୁରି ଜଟିଳ କରିଦେଇଛି। ଏହି ପରିପ୍ରେକ୍ଷୀରେ ରାଜନୀତି ବିଶେଷଜ୍ଞମାନେ କହନ୍ତି, ଟ୍ରମ୍ପ୍ ଜଣେ ରାଜାଙ୍କ ଭଳି ଶାସନ କରୁଛନ୍ତି ଏବଂ ସ୍ୱାଧୀନ ସଂସ୍ଥାଗୁଡ଼ିକ ଉପରେ ନିୟନ୍ତ୍ରଣ ରଖିବାକୁ ଚାହୁଁଛନ୍ତି। ଏଥିରେ ଏବେ କାର୍ଯ୍ୟରତ କର୍ମଚାରୀଙ୍କୁ ବଦଳି କରି ସେମାନଙ୍କ ସ୍ଥାନରେ ତାଙ୍କ ବିଶ୍ୱସ୍ତ ବ୍ୟକ୍ତିଙ୍କୁ ଅବସ୍ଥାପିତ କରୁଛନ୍ତି ଏବଂ ସାଧାରଣ ଭାବେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି।

ଟ୍ରମ୍ପଙ୍କ ସମର୍ଥକଙ୍କ ମତରେ, ଏହିସବୁ କାର୍ଯ୍ୟ ଏକ ଦୃଢ଼ ନିର୍ଣ୍ଣାୟକ ନେତୃତ୍ୱକୁ ପ୍ରତିପାଦିତ କରୁଛି। ଗତ ନିର୍ବାଚନରେ ପପୁଲାର ମେଜରିଟି ହାସଲ କରିବା ପରେ ସେ ଏହା କରିଛନ୍ତି। ଓପଚାରିକ ଭାବେ ଟ୍ରମ୍ପ୍ ରାଜା ନ ହେଲେ ବି ତାଙ୍କ ରଣନୀତି ଅତୀତର ରାଜାମାନଙ୍କର ବିଶେଷକରି ଟୁଡର ସାମ୍ରାଜ୍ୟ ହେନେରି ସପ୍ତମ କ୍ଷମତାକୁ ସ୍ମରଣ କରିଦେଉଛି। ସେ ଶତ୍ରୁମାନଙ୍କୁ ଦୁର୍ବଳ କରି, ବିତ୍ତୀୟ ବ୍ୟବସ୍ଥାକୁ ନିୟନ୍ତ୍ରଣରେ ରଖି ଏବଂ ସରକାରୀ ପ୍ରକ୍ରିୟାର ପୁନର୍ଗଠନ କରି ନିଜ କ୍ଷମତା ବୃଦ୍ଧି କରିଥିଲେ। ସେହିପରି ଟ୍ରମ୍ପ୍ ପ୍ରଶାସନ ବୈଦେଶିକ ସହାୟତା ପାଣ୍ଠିର ଅନେକ ବିଲିୟନ ଡଲାରର ବନ୍ଦ କରି ସମ୍ଭବତଃ କଂଗ୍ରେସର କ୍ଷମତାକୁ କାର୍ଯ୍ୟକାରୀ କରିଛନ୍ତି। ଜଣେ ଫେଡେରାଲ ବିଚାରପତି ସେପ୍ଟେମ୍ବରରେ ପାଣ୍ଠି ଯୋଗାଇ ଦେବା ଲାଗି ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ସୁପ୍ରିମକୋର୍ଟ ଅଧିକାଂଶ ପାଣ୍ଠିର ବନ୍ଦକୁ ବିତ୍ତୀୟ ବର୍ଷ ଶେଷ ପର୍ଯ୍ୟନ୍ତ ଜାରି ରଖିବାକୁ ଅନୁମତି ଦେଇଥିଲେ। ଟ୍ରମ୍ପଙ୍କ ସମର୍ଥକମାନେ କହନ୍ତି ଯେ, ସୁପ୍ରିମକୋର୍ଟଙ୍କ ପଦକ୍ଷେପ ଯୁକ୍ତିଯୁକ୍ତ ଏବଂ ଅଯଥା ବ୍ୟୟ ବନ୍ଦ କରିବା ପାଇଁ ଚାହୁଁଥିବା ଏକ ପ୍ରଶାସନକୁ ବିତ୍ତୀୟ ବର୍ଷରେ ଯୋଜନା କରିବା ପାଇଁ ଏହା କରାଯାଇଛି। ଟ୍ରମ୍ପଙ୍କ ସମର୍ଥକମାନେ କହନ୍ତି, ପାଣ୍ଠି ବନ୍ଦ କରିବା ଟ୍ରମ୍ପଙ୍କର ଅନ୍ୟ ଏକ ନିର୍ଣ୍ଣାୟକ ପଦକ୍ଷେପ। ଆଇନ ବଳରେ କଂଗ୍ରେସ ଯେକୌଣସି ନିର୍ଦ୍ଦେଶକୁ ଅସ୍ୱୀକାର କରିପାରିବ। ହେଲେ ତାହା ହେଉନାହିଁ। ପ୍ରଶାସନ ମଧ୍ୟ ପ୍ରମୁଖ ଚାକିରିଗୁଡ଼ିକର ପୁନଃ ବର୍ଗୀକରଣ କରିବା ସହିତ ସିଭିଲ ସର୍ଭିସ ସୁରକ୍ଷା ହ୍ରାସ ଏବଂ କ୍ୟାରିୟର ଏକ୍ସପର୍ଟଙ୍କଠାରୁ ଆରମ୍ଭ କରି ବିଶ୍ୱସ୍ତ ସହଯୋଗୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ କ୍ଷମତାରେ ପରିବର୍ତ୍ତନ କରିଛି। ଏଜେନ୍ସି ଲୟରମାନେ ମାର୍ଗଦର୍ଶିକାର ପୁନର୍ଲିଖନ କରୁଛନ୍ତି। ଯେଉଁସବୁ ବିବାଦର ସମାଧାନ ବିଚାର ମାଧ୍ୟମରେ କିମ୍ବା ଇନ୍‌ସପେକ୍ଟର ଜେନେରାଲଙ୍କ ଦ୍ୱାରା ସମାଧାନ ହେଉଥିଲା, ଏବେ ସରକାରୀ ରିପୋର୍ଟକୁ ବାଦ୍‌ଦେଇ ତାହା ଘରୋଇ ସ୍ତରରେ ହେଉଛି।

ଏକ ଯୋଗ୍ୟ ବ୍ୟବସ୍ଥାର ସବୁଦିଗ ରାଜ ଦରବାର ଭଳି ଚାଲୁଥିବା ସରକାରକୁ ରୋକିବା ଲାଗି ଉଦ୍ଦିଷ୍ଟ। ଯେତେବେଳେ ଅଭିଜ୍ଞ ବୃତ୍ତିଧାରୀଙ୍କୁ ଛାଡ଼ି ସରକାରରେ ବିଶ୍ୱସ୍ତଙ୍କୁ ପ୍ରାଥମିକତା ଦିଆଯାଏ, ସେତେବେଳେ ବିଶେଷଜ୍ଞଙ୍କ ନିଷ୍ପତ୍ତି ବଦଳରେ ତାହା ବ୍ୟକ୍ତିଗତ ନିଷ୍ପତ୍ତି ବୋଲି ଜଣାପଡ଼େ। ଟ୍ରମ୍ପଙ୍କ ପ୍ରଶାସନରେ ସିନେଟ୍‌ର ସ୍ୱୀକୃତି ଆବଶ୍ୟକ ଥିବା ପଦବୀଗୁଡ଼ିକରେ କାର୍ଯ୍ୟକାରୀ ଅଧିକାରୀଙ୍କୁ ଅଧିକ ନିଯୁକ୍ତ କରାଯାଉଛି। ପୁନର୍ବାର ଟ୍ରମ୍ପଙ୍କ ସମର୍ଥକମାନେ କହନ୍ତି ଯେ, ଏହିସବୁ ପରିବର୍ତ୍ତନ ପ୍ରଶାସନିକ ସ୍ତରରେ ରହିଥିବା ବାଧାଗୁଡ଼ିକୁ ଦୂର କରିବା ସକାଶେ ଉଦ୍ଦିଷ୍ଟ। ଏହା ପ୍ରତିରୋଧକାରୀଙ୍କୁ ହଟାଇବ। ଫଳରେ ନେତାମାନେ ପ୍ରଚାର କରିଥିବା କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ସକ୍ଷମ ହେବେ। କିନ୍ତୁ ଅନ୍ୟମାନେ ଭାବନ୍ତି ଯେ, କ୍ଷମତା ଠୁଳ କରିବାକୁ ବୈଧ କୁହାଗଲେ ମଧ୍ୟ ତାହା ରାଜତନ୍ତ୍ରଠାରୁ ଅଧିକ ବୋଲି ଜଣାପଡ଼େ। ସଂସ୍ଥାଗୁଡ଼ିକ କାର୍ଯ୍ୟ ସମ୍ପର୍କରେ ପ୍ରସ୍ତାବ ଦେବା, ମତାମତ ଗ୍ରହଣ କରିବା ଏବଂ ସେମାନଙ୍କ ତର୍କ ସଙ୍ଗତ ଆଧାର ସମ୍ପର୍କରେ ଜଣାଇବାର ଧାରାକୁ ସଙ୍କୁଚିତ କରାଯାଉଛି, ଯେମିତିକି ସେମାନେ ସମସ୍ୟାରେ କାମ କରିବାକୁ ବାଧ୍ୟ ହେଉଛନ୍ତି।

ହେନେରି ସପ୍ତମ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିରେ ତାଙ୍କ ବିଶ୍ୱସ୍ତମାନଙ୍କୁ ନିଯୁକ୍ତ କରିଥିଲେ କିମ୍ବା କାର୍ଯ୍ୟାଳୟଗୁଡ଼ିକୁ ମାନ୍ଦା କରିଦେଇଥିଲେ। ସେହିଭଳି ଏବେ ଆମେରିକାର ଇନ୍‌ସପେକ୍ଟର ଜେନେରାଲ ପଦବୀଗୁଡ଼ିକୁ ଦୀର୍ଘଦିନ ଧରି ପୂରଣ କରାନଯିବାରୁ ତାହା ତଦନ୍ତକୁ ଶିଥିଳ କରିଦେଇଛି। ସୂଚନା ଆଇନଗୁଡ଼ିକ ଅଛି, କିନ୍ତୁ ସୂଚନା ଦେବାରେ ବହୁ ବିଳମ୍ବ ଓ ବ୍ୟାପକ ଭାବେ ଅସ୍ୱୀକାର କରାଯିବା ହେତୁ ଆଇନଗୁଡ଼ିକର ଶକ୍ତି ହ୍ରାସ ପାଉଛି, ଯାହା ଟୁଡର ଶାସନ ସମୟରେ ନ୍ୟାୟିକ ଢାଞ୍ଚାକୁ ସୀମିତ କରାଯିବା ପରମ୍ପରାକୁ ସୂଚିତ କରୁଛି। ଯେତେବେଳେ ସରକାରୀ କାମ ଏକ ଦୁର୍ବଳ କାର୍ଯ୍ୟପାଳିକା ଉପରେ ନିର୍ଭର କରିବା ସହ ମିତ୍ରମାନଙ୍କୁ କ୍ଷମା ଦେଇ ବିରୋଧୀଙ୍କୁ ଦଣ୍ଡିତ କରିବ, ସେତେବେଳେ ଆଇନଗତ କଟକଣାଗୁଡ଼ିକ ନିଶ୍ଚିତ ଭାବେ ଦୁର୍ବଳ ହୋଇଯିବ। ଅଧିକାରଗୁଡ଼ିକର ସୁରକ୍ଷା ଏକ ନିରପେକ୍ଷ ବା ସ୍ୱଚ୍ଛ ଭାବେ ଆଇନର ପ୍ରୟୋଗ ଉପରେ ନିର୍ଭର କରେ। ଯଦି ସମାଲୋଚକଙ୍କ ତୁଳନାରେ ସହଯୋଗୀମାନଙ୍କ ପ୍ରତି ଅଧିକ ଉଦାରଭାବ ପ୍ରଦର୍ଶନ କରାଯାଏ, ତେବେ ଅଧିକାରଗୁଡ଼ିକରେ ସମାନତା ରହିବ ନାହିଁ। ଫଳରେ ବ୍ୟବସାୟ, ଅଣଲାଭକାରୀ ସଂସ୍ଥା ଏବଂ ସ୍ଥାନୀୟ ନିର୍ବାଚନ ଅଧିକାରୀମାନେ ବିରୋଧର ସମ୍ମୁଖୀନ ନ ହେବା ପାଇଁ ସେମାନେ ସ୍ଥିତି ସହ ଖାପଖୁଆଇ କାମ କରିପାରନ୍ତି। ଟ୍ରମ୍ପଙ୍କୁ ଅଧିକ କ୍ଷମତା ମିଳିଛି, ହେଲେ ତାଙ୍କର ରାଜାଭିଷେକ ହୋଇନାହିଁ। ଜଣେ ରାଜା ବିନା ନିର୍ବାଚନରେ ଶାସନ, ବିନା ସ୍ୱୀକୃତିରେ ବ୍ୟୟ, କୋର୍ଟଗୁଡ଼ିକୁ ଭାଙ୍ଗିଦେବା ଏବଂ ଉପ-ରାଷ୍ଟ୍ରୀୟ ସରକାରର ଅଧିକାରକୁ ହଟାଇଦେବା ଭଳି କାର୍ଯ୍ୟ କରିପାରିବେ, କିନ୍ତୁ ଜଣେ ରାଷ୍ଟ୍ରପତି ତାହା କରିପାରିବେ ନାହିଁ। ଯେଉଁମାନେ ଟ୍ରମ୍ପଙ୍କ କୌଶଳକୁ ବାଧା ହଟାଇବା ଲାଗି ବୈଧ ଉପାୟ ବୋଲି ମନେକରୁଛନ୍ତି ଏବଂ ଯେଉଁମାନେ ଏହାକୁ ସ୍ୱଚ୍ଛତା ଦୂର କରିବାର ଏକ ରଣନୀତି ବୋଲି ଭାବୁଛନ୍ତି, ସେମାନଙ୍କ ମଧ୍ୟରେ ବିତର୍କ ଜାରି ରହିବ। କିନ୍ତୁ ପ୍ରଶ୍ନ ହେଉଛି ରାଷ୍ଟ୍ରପତି କ'ଣ ଏକମାତ୍ର ପଦବୀ ହୋଇ ରହିବ, ଯେଉଁଠି ସବୁ ଜାତୀୟ ନିଷ୍ପତ୍ତି କରାଯିବ। ଏହା କରାଯିବାକୁ ଚେଷ୍ଟା କରାଯାଉଛି, ଯାହା ଏବେ ବଜେଟ, ନିଯୁକ୍ତି ଏବଂ ଅନେକ ସିଭିଲ ପ୍ରଶାସନ ପ୍ରକ୍ରିୟାରେ ପ୍ରକାଶ ପାଇଛି।

# ଶାକାହାରୀ ଓ ମାଂସାହାରୀ ଦୁଗ୍ଧ

ଭାରତରୁ ରପ୍ତାନି ହେଉଥିବା ଦ୍ରବ୍ୟ ଉପରେ ଆମେରିକା ୫୦%ରୁ ୧୦୦% ପର୍ଯ୍ୟନ୍ତ ଶୁଳ୍କ ଧାର୍ଯ୍ୟ କରି ପ୍ରକାରାନ୍ତରେ ଭାରତରେ ତା'ର ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ଆନୁବଂଶିକ ସଂଶୋଧିତ ଫସଲ (ଜେନେଟିକ୍ ମଡିଫାଏଡ୍ କ୍ରପ୍) ଓ ମତ୍ସ୍ୟ ସାମଗ୍ରୀର ବଜାର ସୃଷ୍ଟି କରିବା ପାଇଁ ଚାପ ସୃଷ୍ଟି କରୁଛି। ଆଲୋଚ୍ୟର ବିଷୟ ହେଉଛି ଭାରତରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ ହୋଇଥିବା ବେଳେ ଆମେରିକାରେ ଉତ୍ପାଦିତ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଶାକାହାରୀ କି ନା, ଏହା ମାଂସାହାରୀ ଦୁଗ୍ଧ। ନୂଆକରି ନୈତିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିବା ଏ ମାଂସାହାରୀ ଦୁଗ୍ଧ କ'ଣ? ଆମେରିକାରେ ଗୋପାଳନର ଦୁଇଟି ଦିଗ, ପ୍ରଥମଟି ଗୋଖାଦ୍ୟରେ ପ୍ରାଣୀମାନଙ୍କର ଅବଶିଷ୍ଟାଂଶ ମିଶ୍ରଣରେ ପୁଷ୍ଟିସାର ପ୍ରୟୋଗ କରି ଅତ୍ୟଧିକ ପୋଷଣ ବୃଦ୍ଧି ପୂର୍ବକ ଦୁଗ୍ଧ ଉତ୍ପାଦନ ଓ ଦ୍ୱିତୀୟରେ ସେମାନଙ୍କୁ ହୃଷ୍ଟପୁଷ୍ଟ ସ୍ଥୂଳକାୟ କରି ମାଂସ ଉତ୍ପାଦନ କରିବା। ସେମାନେ ଗାଈର ଚାରା ଓ ଗୋଖାଦ୍ୟରେ ଘୁଷୁରି, ଗାଈ, କୁକୁଡ଼ା, ଘୋଡ଼ା, ବିରାଡ଼ି, କୁକୁର ଓ ମାଛଙ୍କ ଅବଶିଷ୍ଟାଂଶ, ଚର୍ବି, ରକ୍ତ ଓ ପ୍ରାଣୀ ହାଡ଼ର ପାଉଡ଼ରକୁ ସୂକ୍ଷ୍ମ ଭାବରେ ମିଶ୍ରଣ କରି ଖାଇବାକୁ ଦିଅନ୍ତି ଯାହା ଦୁଗ୍ଧ ଓ ମାଂସ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା



ଦିଏ। ଏହାକୁ ମାଂସାହାରୀ ଦୁଗ୍ଧ, ଆମିଷାଶୀ ଦୁଗ୍ଧ ବା ରକ୍ତ ଦୁଗ୍ଧ କୁହାଯାଇପାରିବ। ଅଧିକ ଉତ୍ପାଦନ କ୍ଷମତାପୂର୍ଣ୍ଣ ସଙ୍କର (ହାଇବ୍ରିଡ୍) ଜାତୀୟ ଗାଈର ହାରାହାରି ଦୈନିକ ଦୁଗ୍ଧ ଉତ୍ପାଦନ କ୍ଷମତା ୩୪ ଲିଟର ଥିବାବେଳେ ଶୀର୍ଷ ଅବଧି ସମୟରେ (ପିକ୍ ପିରିୟଡ୍)ରେ ୬୦ ଲିଟର ପର୍ଯ୍ୟନ୍ତ ଦୁଗ୍ଧ ଦେଇଥାଏ। ଆଇନତଃ ଏହା ଆମେରିକାରେ ସ୍ୱୀକାର୍ଯ୍ୟ ଏବଂ ସାଧାରଣ ଭାବରେ ଦୁଗ୍ଧ ଉତ୍ପାଦନ ସଂସ୍ଥା (ଡେଏରି ଫାର୍ମ)ରେ ଦୁଗ୍ଧରେ ପ୍ରୋଟିନ୍ ଓ କ୍ୟାଲୋରୀ ବୃଦ୍ଧି ନିମନ୍ତେ ବ୍ୟବହାର କରାଯାଏ। ଆମେରିକା ସରକାର ମଧ୍ୟ ଦେଶର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନଙ୍କୁ ତାଙ୍କର ବ୍ୟବସାୟିକ ସଫଳତା ଓ କର୍ମନିଯୁକ୍ତି ସୁଯୋଗ ବୃଦ୍ଧି ଉଦ୍ଦେଶ୍ୟରେ ଆର୍ଥିକ ସାହାଯ୍ୟ ଦେଇଥାନ୍ତି। ଆମେରିକାରେ ଗାଈ ମଧ୍ୟ ଶାକାହାରୀ କିନ୍ତୁ ବ୍ୟବସାୟିକ ଲାଭଖୋର ମନୋବୃତ୍ତି ନେଇ ସେମାନଙ୍କୁ ମାଂସାହାରୀ କରିଦିଆଯାଏ। ଭାରତରେ ଉଦ୍ଭିଦ ଆଧାରିତ ଶାକାହାରୀ ଖାଦ୍ୟ ଦିଆଯାଏ। ଭାରତୀୟ ଗୋପାଳକମାନେ ଗୋଖାଦ୍ୟରେ ସବୁଜ ଘାସ, ନଡ଼ା, ମକା, ବାଜରା, ବୋଟି, ଚୋକଡ଼, ପିଡ଼ିଆ, କୁଣ୍ଡା, କୋଳଥ ଓ ବିରି ଚୂନି ଇତ୍ୟାଦି ଦେଇଥାନ୍ତି।

ଆମେରିକା ଭାରତର ଦୁଗ୍ଧଜାତ ବଜାରରେ ପ୍ରବେଶ ଅନୁମତି ପରିପ୍ରେକ୍ଷୀରେ ଭାରତର ସର୍ତ୍ତ ହେଲା, ଆମେରିକା ଏକ ସତର୍କତାମୂଳକ ସତ୍ୟ ସ୍ୱୀକୃତ ପ୍ରମାଣପତ୍ର (ସାର୍ଟିଫିକେଟ୍) ଦେଉ ଯେ, ଭାରତକୁ ଯେଉଁ ଦୁଗ୍ଧଜାତ ଦ୍ରବ୍ୟ ରପ୍ତାନି କରାଯିବ ତାହା ସମ୍ପୂର୍ଣ୍ଣରୂପେ ନିରାମିଷ ଖାଦ୍ୟ ଖାଉଥିବା ଗାଈର ହୋଇଥିବ। ଏହାକୁ ଆମେରିକାର ଦୁଗ୍ଧ ଉତ୍ପାଦନକାରୀ ସଂସ୍ଥାମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କ ଯୁକ୍ତି ହେଲା, ପ୍ରାଣୀଙ୍କର ଅବଶିଷ୍ଟାଂଶକୁ ଗାଈଙ୍କ ଖାଦ୍ୟରେ ଦିଆଯାଉଛି, ଉତ୍ପାଦିତ ଦୁଗ୍ଧରେ ଦିଆଯାଉ ନାହିଁ, ଏଣୁ ଏହା କିପରି ଆମିଷ ହେଲା। ଯଦି ଆମେରିକାରୁ ଦୁଗ୍ଧ ଆମଦାନୀ କରାଯିବ ତେବେ ଏହାକୁ ଶାକାହାରୀ ନା ମାଂସାହାରୀ କୁହାଯିବ? ପ୍ରାୟତଃ ୩୮% ଶାକାହାରୀ ଭାରତୀୟ ଦୁଗ୍ଧର ପୂର୍ଣ୍ଣ ଶୁଦ୍ଧତାକୁ ନେଇ ସମାଧାନର କୌଣସି ମଧ୍ୟମ ପନ୍ଥାକୁ କେତେଦୂର ଗ୍ରହଣ କରିବେ ତାହା ସମୟ ନିର୍ଣ୍ଣୟ କରିବ। ଭାରତ ଦୁଗ୍ଧ ଉତ୍ପାଦନରେ ସ୍ୱୟଂସମ୍ପୂର୍ଣ୍ଣ। ଶ୍ୱେତକ୍ରାନ୍ତି ପୂର୍ବରୁ ଭାରତ ପ୍ରାୟ ବାର୍ଷିକ ୨୧ନିୟୁତ ମେଟ୍ରିକ୍ ଟନ୍ ଦୁଗ୍ଧ ଉତ୍ପାଦନ କରୁଥିଲା। ଡ. ଭର୍ଗିସ୍ କୁରିୟନଙ୍କ ନେତୃତ୍ୱରେ ୧୯୭୦ରେ ଆରମ୍ଭ ହୋଇଥିବା ଶ୍ୱେତକ୍ରାନ୍ତି ଫଳରେ ଉଲ୍ଲେଖନୀୟ ଅଗ୍ରଗତି ହେଲା। ୨୦୧୪-୧୫ ଆର୍ଥିକ ବର୍ଷରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ ୬୩.୫୬% ବୃଦ୍ଧି ପାଇ ୨୩୯.୩ ନିୟୁତ ମେଟ୍ରିକ୍‌ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିବାବେଳେ ୨୦୨୨-୨୩ ବର୍ଷ ତୁଳନାରେ ୩.୭୮% ଅଧିକ ଉତ୍ପାଦିତ ହୋଇଛି। ବିଶ୍ୱର ମୋଟ୍ ଦୁଗ୍ଧ ଉତ୍ପାଦନରେ ଭାରତର ୨୫% ଯୋଗଦାନ ରହିଛି ଓ ୧୯୯୮ ମସିହାଠାରୁ ଭାରତ ବିଶ୍ୱର ସର୍ବୋଚ୍ଚ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ୧୯୫୦-୫୧ରେ ଭାରତରେ ବ୍ୟକ୍ତି ପିଛା ଦୈନିକ ୧୨୪ ଗ୍ରାମ୍ ଦୁଗ୍ଧ ଉପଲବ୍ଧ ହେଉଥିବା ବେଳେ ୨୦୨୩-୨୪ବର୍ଷ ବେଳକୁ ବୃଦ୍ଧି ପାଇ ଭାରତର ଦୈନିକ ମୁଣ୍ଡ ପିଛା ୪୭୧ ଗ୍ରାମ୍ ଦୁଗ୍ଧ ଉପଲବ୍ଧ ଓ ବିଶ୍ୱରେ ଏହା ୩୨୨ଗ୍ରାମ୍।

ଭାରତରେ କୃଷି ଓ କୃଷକ ସହିତ ଦୁଗ୍ଧ ଉତ୍ପାଦନ ସମ୍ପୂର୍ଣ୍ଣ ରୂପେ ଜଡ଼ିତ। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ତଥ୍ୟ ଅନୁସାରେ ଯଦି ଭାରତର ଦୁଗ୍ଧ ବଜାରରେ ଆମେରିକାର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ପ୍ରବେଶ ପାଇଁ ଅନୁମତି ଦିଆଯାଏ ତେବେ ପାଖାପାଖି ବାର୍ଷିକ ୧.୦୩ ଲକ୍ଷ କୋଟି ଆର୍ଥିକ କ୍ଷତି ସହିବାକୁ ପଡ଼ିବ ଓ ଏଥିପାଇଁ ଛୋଟ ଛୋଟ ପଶୁପାଳକମାନେ କ୍ଷତିଗ୍ରସ୍ତ ହେବେ। ପ୍ରାୟ ଦୁଇଲକ୍ଷ ତିରିଶ ହଜାର ଗ୍ରାମ ଏଥିରେ ସମ୍ପୃକ୍ତ ଥିବାବେଳେ ୮କୋଟି ଲୋକଙ୍କର ଏହା ଜୀବିକାର୍ଜନର ପନ୍ଥା ଓ ଚାଳିଶକୋଟି ଲୋକଙ୍କର ଆବଶ୍ୟକତା ପୂରଣ କରେ। ଆମେରିକାରୁ ଆମଦାନୀ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ପ୍ରାୟ ୧୫% କମ୍ ମୂଲ୍ୟରେ ବଜାରରେ ଉପଲବ୍ଧ ହେବ। କମ୍ ଦାମ୍ ହେତୁ ଆମେରିକା ଦୁଗ୍ଧର ଚାହିଦା ବୃଦ୍ଧି ହେବ ଓ ଭାରତୀୟ ଦୁଗ୍ଧର ଚାହିଦା କମିଯିବ। ଗ୍ରାମ୍ୟ କୃଷି ବାଧାପ୍ରାପ୍ତ ହେବା ଆଶଙ୍କା ଥିବା ସହ ଭାରତୀୟଙ୍କର ସ୍ୱାସ୍ଥ୍ୟ, ଧର୍ମ, ସଂସ୍କୃତି, ଶାକାହାରୀ ଉପଭୋକ୍ତାଙ୍କର ଚିନ୍ତାଧାରା ପ୍ରଭାବିତ ହେବ। ଏତଦ୍‌ବ୍ୟତୀତ ଆଗାମୀ ସମୟରେ ପ୍ରଚୁର ଦୁଗ୍ଧ ଉତ୍ପାଦନ କରୁଥିବା ରାଷ୍ଟ୍ର ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ମଧ୍ୟ ଭାରତର ଦୁଗ୍ଧ ବଜାରରେ ପ୍ରବେଶ କରି ବାଣିଜ୍ୟ କରିବା ପାଇଁ ଚାପ ସୃଷ୍ଟି କରିବାକୁ ଚାହିଁବେ। ଏ ସବୁ ଦୃଷ୍ଟିରୁ ଭାରତ ଛୋଟ କୃଷକଙ୍କ ସ୍ୱାର୍ଥ ପାଇଁ ଢାଲ ହୋଇ ପ୍ରତିବନ୍ଧକ ସାଜିଛି।

# ଆତ୍ମବିଶ୍ୱାସ ବଢ଼ାଏ 'ବନ୍ଦେ ମାତରମ୍': ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ସାରା ଦେଶରେ ପାଳନ କରାଯାଉଛି। ଏହି ଅବସରରେ ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧନ କରିଛନ୍ତି। ୧୫୦ ବର୍ଷ ପୂର୍ତ୍ତିରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। 'ବନ୍ଦେ ମାତରମ' ସଂଗୀତର ମୂଲ୍ୟବୋଧ ବଖାଣି ପ୍ରଧାନମନ୍ତ୍ରୀ କହିଛନ୍ତି, 'ବନ୍ଦେ ମାତରମ' କେବଳ ସଂଗୀତ ନୁହେଁ, ସଂକଳ୍ପ ଅଟେ। ମା' ଭାରତୀଙ୍କ ସାଧନା, ଶକ୍ତିର ମନ୍ତ୍ର ହେଉଛି 'ବନ୍ଦେ ମାତରମ'। ୭ ନଭେମ୍ବର ହେଉଛି ଏକ ଐତିହାସିକ ଦିନ। 'ବନ୍ଦେ ମାତରମ'ର ରଚୟତା ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ସ୍ମୃତିଚାରଣ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି।ଏହାସହ ସ୍ୱତନ୍ତ୍ର କଏନ ଓ ଷ୍ଟାମ୍ପର ଉନ୍ମୋଚନ କରିଛନ୍ତି ପ୍ରଧାନମନ୍ତ୍ରୀ।

# ଭାରତୀୟ ବ୍ୟାଙ୍କଗୁଡ଼ିକ ଦଶ ବର୍ଷ ପୂର୍ବ ଅପେକ୍ଷା ଅଧିକ ପରିପକ୍ୱ: ଆର୍‌ବିଆଇ ଗଭର୍ଣ୍ଣର

ନୂଆଦିଲ୍ଲୀ: ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ, ଭାରତୀୟ ବ୍ୟାଙ୍କଗୁଡ଼ିକ ଦଶ ବର୍ଷ ପୂର୍ବ ଅପେକ୍ଷା ଅଧିକ ପରିପକ୍ୱ ହୋଇଛନ୍ତି। ମୁମ୍ବାଇରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କିଂ ଏବଂ ଅର୍ଥନୀତି ସମ୍ମିଳନୀ ୨୦୨୫ରେ ସମ୍ବୋଧିତ କରି ଶ୍ରୀ ମାଲହୋତ୍ରା କହିଛନ୍ତି ଯେ, ଭାରତୀୟ ଷ୍ଟେଟ ବ୍ୟାଙ୍କ ୨୦୧୮ରେ ଏକ କ୍ଷତିକାରକ ବ୍ୟାଙ୍କରୁ ଆଜି ୧୦୦ ବିଲିୟନ ଡଲାର କମ୍ପାନୀରେ ପରିଣତ ହୋଇଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କହିଛନ୍ତି ଯେ, ଭାରତୀୟ ବ୍ୟାଙ୍କଗୁଡ଼ିକ ଦଶ ବର୍ଷ ପୂର୍ବ ଅପେକ୍ଷା ଅଧିକ ପରିପକ୍ୱ ହୋଇଛନ୍ତି। ମୁମ୍ବାଇରେ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କିଂ ଏବଂ ଅର୍ଥନୀତି ସମ୍ମିଳନୀ ୨୦୨୫ରେ ସମ୍ବୋଧିତ କରି ଶ୍ରୀ ମାଲହୋତ୍ରା କହିଛନ୍ତି ଯେ, ଭାରତୀୟ ଷ୍ଟେଟ ବ୍ୟାଙ୍କ ୨୦୧୮ରେ ଏକ କ୍ଷତିକାରକ ବ୍ୟାଙ୍କରୁ ଆଜି ୧୦୦ ବିଲିୟନ ଡଲାର କମ୍ପାନୀରେ ପରିଣତ ହୋଇଛି। ସେ କହିଛନ୍ତି ଯେ, ୨୦୧୫ରେ ସମ୍ପତ୍ତି ଗୁଣବତ୍ତା ସମୀକ୍ଷା, ଦ୍ରୁତ ସଂଶୋଧନ କାର୍ଯ୍ୟ ଢାଞ୍ଚା, ୨୭ଟି ସରକାରୀ କ୍ଷେତ୍ର ବ୍ୟାଙ୍କର ଏକୀକରଣ, ଏକ ବଡ଼ ପୁଞ୍ଜି ପ୍ରବେଶ ଏବଂ ଦେବାଳିଆ ଏବଂ ଦେବାଳିଆ କୋଡ୍ ଭଳି ନିୟାମକ ପଦକ୍ଷେପ ଭାରତର ଋଣ ସଂସ୍କୃତିକୁ ମୌଳିକ ଭାବରେ ପରିବର୍ତ୍ତନ କରିଛି। ସେ ମୁଦ୍ରା ଏବଂ ସାମଗ୍ରିକ ଆର୍ଥିକ ସ୍ଥିରତାକୁ ସୁଦୃଢ଼ କରିବା ପାଇଁ ନିଆଯାଇଥିବା ପ୍ରମୁଖ ସଂସ୍କାର ଉପରେ ମଧ୍ୟ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ଏହି ପଦକ୍ଷେପଗୁଡ଼ିକ ଋଣଗ୍ରହୀତାଙ୍କ ମଧ୍ୟରେ ଶୃଙ୍ଖଳାକୁ ପ୍ରୋତ୍ସାହିତ କରିଛି। ଶ୍ରୀ ମାଲହୋତ୍ରା କହିଥିଲେ ଯେ, ଭାରତର ଆର୍ଥିକ ବ୍ୟବସ୍ଥାର ସନ୍ତୁଳିତ ବିକାଶ ପାଇଁ ଏକ ଭବିଷ୍ୟତମୁଖୀ ଢାଞ୍ଚା ଆବଶ୍ୟକ। ସେ ଉଲ୍ଲେଖ କରିଥିଲେ ଯେ, ଆଜି ବ୍ୟାଙ୍କଗୁଡ଼ିକ ଅଧିକ ଶକ୍ତିଶାଳୀ, ତଦାରଖ ଅଧିକ ସତର୍କ ଏବଂ ବଜାର-ଭିତ୍ତିକ ବିପଦ ସ୍ଥାନାନ୍ତର ବ୍ୟବସ୍ଥା ଅଧିକ ପ୍ରଭାବଶାଳୀ।

# ପାକିସ୍ତାନ ରାଜରାସ୍ତାରେ ଜେନ୍ ଜିର ହୋହାଲ୍ଲା

ଇସଲାମାବାଦ୍: ପାକ ଅଧିକୃତ କଶ୍ମୀର (ପିଓକେ) ଏକ ମାସରୁ କମ ସମୟ ମଧ୍ୟରେ ଦ୍ୱିତୀୟ ଥର ପାଇଁ ପ୍ରତିବାଦ ପ୍ରଦର୍ଶନ କରିଛି। ଶହ ଶହ ଯୁବକ ରାସ୍ତାକୁ ଓହ୍ଲାଇଛନ୍ତି। ରିପୋର୍ଟ ଅନୁଯାୟୀ, ଏଥର ଜେନ୍ ଜି ପିଓକେରେ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି।

ପ୍ରକୃତରେ, ପାକିସ୍ତାନର ଶହବାଜ ସରିଫ ସରକାରଙ୍କ ବିରୁଦ୍ଧରେ ପିଓକେରେ ଏହି ପ୍ରତିବାଦ ମୁଜାଫରାବାଦ ବିଶ୍ୱବିଦ୍ୟାଳୟରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ଛାତ୍ରମାନେ ବର୍ଦ୍ଧିତ ଫି ଏବଂ ଉନ୍ନତ ସୁବିଧା ଦାବି କରି ପ୍ରଦର୍ଶନ କରିଥିଲେ। ରିପୋର୍ଟ ହୋଇଛି ଯେ ପ୍ରତିବାଦ ପ୍ରଥମେ ଶାନ୍ତିପୂର୍ଣ୍ଣ ଥିଲା, କିନ୍ତୁ ଜଣେ ଅଜ୍ଞାତ ବ୍ୟକ୍ତି ଗୁଳି ଚଳାଇବା ପରେ ହିଂସାତ୍ମକ ରୂପ ନେଇଥିଲା। ଏଥିରେ ଜଣେ ଛାତ୍ର ଆହତ ହୋଇଥିବା ଜଣାପଡ଼ିଛି। ଏହି ଘଟଣା ପରେ ଉତ୍ତ୍ୟକ୍ତ ଛାତ୍ରମାନେ ଟାୟାର ଜାଳି ଦେଇଛନ୍ତି, ବିଭିନ୍ନ ସ୍ଥାନରେ ନିଆଁ ଲଗାଇଛନ୍ତି ଏବଂ ସମ୍ପତ୍ତିକୁ କ୍ଷତି ପହଞ୍ଚାଇଛନ୍ତି। ଏହି ପ୍ରତିବାଦର ଅନେକ ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। କିଛି ଭିଡିଓରେ ଛାତ୍ରମାନେ ଉତ୍ତେଜିତ ହୋଇ ଶହବାଜ ସରିଫ ସରକାରଙ୍କ ବିରୁଦ୍ଧରେ ସେମାନଙ୍କର କ୍ରୋଧ ପ୍ରକାଶ କରୁଥିବା ଦେଖାଯାଉଛି। ଏହି ସମୟରେ, ଇଣ୍ଟରନେଟରେ କିଛି ଭାଇରାଲ ପୋଷ୍ଟରେ ଦାବି କରାଯାଇଛି ଯେ, ବାଂଲାଦେଶ ଏବଂ ନେପାଳ ପରେ, ପିଓକେରେ ଜେନେରାଲ ଜେଡ ଆନ୍ଦୋଳନ ଏବେ ପାକିସ୍ତାନ ସରକାର ଏବଂ ସେନା ପାଇଁ ପରିସ୍ଥିତିକୁ କଷ୍ଟକର କରିଦେଇଛି।

ଉଲ୍ଲେଖନୀୟ ଯେ ପ୍ରଥମ ବର୍ଷର ମଧ୍ୟମା ପରୀକ୍ଷାର ଫଳାଫଳ ଅକ୍ଟୋବର ୩୦ରେ ପ୍ରକାଶିତ ହୋଇଥିଲା। କେତେଜଣ ଛାତ୍ର କମ ନମ୍ବର ପାଇ ବିଶ୍ୱବିଦ୍ୟାଳୟ ପ୍ରଶାସନ ଉପରେ ସେମାନଙ୍କର କ୍ରୋଧ ପ୍ରକାଶ ପାଇଲା। ଅଭିଯୋଗ ହେଉଛି ଯେ ଅନେକ ଛାତ୍ର ଏପରି ବିଷୟଗୁଡ଼ିକରେ ପାସ ହୋଇଥିଲେ ଯାହା ପାଇଁ ସେମାନେ ପରୀକ୍ଷା ଦେଇ ନଥିଲେ। ଏହା ପରେ, ଛାତ୍ରମାନେ ବିଶ୍ୱବିଦ୍ୟାଳୟ ପ୍ରଶାସନ ବିରୁଦ୍ଧରେ ତୀବ୍ର ପ୍ରତିବାଦ କରିଥିଲେ। ଉଲ୍ଲେଖନୀୟ ଯେ ଗତ ମାସରେ ଅଧିକୃତ କଶ୍ମୀରରେ ମଧ୍ୟ ହିଂସାତ୍ମକ ପ୍ରତିବାଦ ଦେଖାଯାଇଥିଲା, ଯାହା ଫଳରେ ୧୨ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା। ଛାତ୍ର ଏବଂ ସ୍ଥାନୀୟ ବାସିନ୍ଦାମାନେ ସରକାରଙ୍କୁ ମୋଟ ୩୦ଟି ଦାବି ପୂରଣ କରିବାକୁ ଦାବି କରିଥିଲେ, ଯେଉଁଥିରେ ଅଟା ଏବଂ ବିଦ୍ୟୁତ ମୂଲ୍ୟ ହ୍ରାସ, ଟିକସ ରିହାତି ଏବଂ ଅନ୍ୟାନ୍ୟ ଦାବି ଅନ୍ତର୍ଭୁକ୍ତ।

# ଏସିଆର ସବୁଠୁ ଖୁସି ସହର: ସର୍ଭେରେ ଶୀର୍ଷ ସ୍ଥାନରେ 'ମୁମ୍ବାଇ'

ନୂଆଦିଲ୍ଲୀ: ଭାରତର ଆର୍ଥିକ ରାଜଧାନୀ ତଥା ସ୍ୱପ୍ନର ସହର ଭାବେ ପରିଚିତ ମୁମ୍ବାଇକୁ ୨୦୨୫ ମସିହା ପାଇଁ ଏସିଆର ସବୁଠୁ ଖୁସି ସହର ଭାବେ ଘୋଷଣା କରାଯାଇଛି। 'ଟାଇମ୍ ଆଉଟ୍' ପକ୍ଷରୁ କରାଯାଇଥିବା ଏକ ବାର୍ଷିକ ସର୍ଭେରୁ ଏହି ତଥ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ସମଗ୍ର ଏସିଆର ୧୮,୦୦୦ରୁ ଅଧିକ ବାସିନ୍ଦାଙ୍କ ମତାମତ ନିଆଯାଇଥିଲା। ଏହାର ଶୀର୍ଷରେ ରହିଛି 'ମୁମ୍ବାଇ'। ସର୍ଭେରେ ଅଂଶଗ୍ରହଣ କରିଥିବା ୯୪ ପ୍ରତିଶତ ମୁମ୍ବାଇ ବାସିନ୍ଦା କହିଛନ୍ତି ଯେ ସେମାନଙ୍କ ସହର ସେମାନଙ୍କୁ ଖୁସି ଆଣିଦିଏ। ୮୯ ପ୍ରତିଶତ ସ୍ଥାନୀୟ ଲୋକ ଅନୁଭବ କରନ୍ତି ଯେ, ସେମାନେ ମୁମ୍ବାଇରେ ଅନ୍ୟ ଯେକୌଣସି ସ୍ଥାନ ଅପେକ୍ଷା ଅଧିକ ଖୁସି ଅଛନ୍ତି। ୮୭ ପ୍ରତିଶତ ଲୋକ ବିଶ୍ୱାସ କରନ୍ତି ଯେ ସହରରେ ସାମଗ୍ରିକ ଭାବେ ଖୁସିର ଭାବନା ବୃଦ୍ଧି ପାଇଛି। ବିଶେଷଜ୍ଞମାନଙ୍କ ମତରେ, ମୁମ୍ବାଇର ଉତ୍ସାହପୂର୍ଣ୍ଣ ସାମାଜିକ ଜୀବନ, ବଲିଉଡ୍ ସମେତ ବିସ୍ତୃତ ମନୋରଞ୍ଜନ ଶିଳ୍ପ, ବହୁଳ କ୍ୟାରିଅର୍ ସୁଯୋଗ ଏବଂ ଜୀବନ୍ତ ଷ୍ଟ୍ରିଟ୍ ଫୁଡ୍ ସଂସ୍କୃତି ହିଁ ଏହାର ଆନନ୍ଦମୟ ପରିବେଶ ପାଇଁ ମୁଖ୍ୟ ଭୂମିକା ଗ୍ରହଣ କରେ। ଏସିଆର ଶ୍ରେଷ୍ଠ ୫ ଖୁସି ସହର (୨୦୨୫) ମଧ୍ୟରେ ରହିଛି ମୁମ୍ବାଇ- ଭାରତ, ବିଜିଂ-ଚାଇନା(୯୦% ରୁ ଅଧିକ ଲୋକ ଖୁସି), ଶାଂଘାଇ - ଚାଇନା(୯୦% ରୁ ଅଧିକ ଲୋକ ଖୁସି), ଚିଆଙ୍ଗ ମାଇ - ଥାଇଲ୍ୟାଣ୍ଡ, ହାନୋଇ - ଭିଏତନାମ। ଏହି ତାଲିକାରେ ଟୋକିଓ, ସିଙ୍ଗାପୁର ଓ ସୋଲ୍ ଭଳି କିଛି ଜଣାଶୁଣା ଏସୀୟ ସହର ନିମ୍ନ ସ୍ଥାନରେ ରହିଛନ୍ତି। ବିଶେଷ କରି ଟୋକିଓର ଦ୍ରୁତ ଜୀବନଶୈଳୀ ଏବଂ କାର୍ଯ୍ୟ-ଜୀବନ ସନ୍ତୁଳନର ଅଭାବ ଏହାର କାରଣ ହୋଇପାରେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

# 'ମଦୁରାଇ' ଦେଶର ସବୁଠୁ ଅଧିକ ଅପରିଷ୍କାର ସହର

ନୂଆଦିଲ୍ଲୀ: ୧ ନିୟୁତରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଭାରତୀୟ ସହର ମଧ୍ୟରେ ତାମିଲନାଡୁର 'ମଦୁରାଇ' ଦେଶର ସର୍ବାଧିକ ଅପରିଷ୍କାର ସହରର ଏକ କୁଖ୍ୟାତପୂର୍ଣ୍ଣ ଟ୍ୟାଗ୍ ହାସଲ କରିଛି। 'ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫' ରିପୋର୍ଟରୁ ଏପରି କିଛି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ 'ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫' ଅଧୀନରେ ଦେଶର ସର୍ବାଧିକ ଅପରିଷ୍କାର ସହରଗୁଡ଼ିକୁ ଚିହ୍ନଟ କରିବା ପାଇଁ ସର୍ଭେ ପ୍ରକ୍ରିୟା କରାଯାଇଥିଲା। ଏହି ଆଧାରରେ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଏଥିରେ ମଦୁରାଇ ୪,୮୨୩ ପଏଣ୍ଟ ସହ ଅପରିଷ୍କାର ସହର ମଧ୍ୟରେ ସର୍ବପ୍ରଥମ ସ୍ଥାନରେ ରହିଛି। ସେହିପରି ତାମିଲନାଡୁର ରାଜଧାନୀ ଚେନ୍ନାଇ ମଧ୍ୟ ୬,୮୨୨ ସ୍କୋର ସହ ତୃତୀୟ ସ୍ଥାନରେ ରହିଛି। ରିପୋର୍ଟ ଅନୁଯାୟୀ, ଦୁର୍ବଳ ପରିମଳ ନିୟମ, ନାଗରିକଙ୍କ ଅସହଯୋଗ ଏବଂ ଭିତ୍ତିଭୂମିଗତ ତ୍ରୁଟି ଯୋଗୁଁ ତାମିଲନାଡୁର ସହରଗୁଡ଼ିକ ତଳକୁ ଖସି ଆସିଛନ୍ତି। ପଞ୍ଜାବର ଲୁଧିଆନା ୫,୨୭୨ ପଏଣ୍ଟ ସହ ଦ୍ୱିତୀୟ ସର୍ବାଧିକ ଅପରିଷ୍କାର ସହର ଭାବେ ସ୍ଥାନିତ ହୋଇଛି। ସେହିପରି ଦେଶର ଆଇଟି ସହର ବା ବୈଷୟିକ ରାଜଧାନୀ ଭାବେ ପରିଚିତ କର୍ଣ୍ଣାଟକର ବେଙ୍ଗାଲୁରୁ ସହର ମଧ୍ୟ ୬,୮୪୨ ପଏଣ୍ଟ ସହ ପଞ୍ଚମ ଅପରିଷ୍କାର ସହର ଭାବେ ପରିଗଣିତ ହୋଇଛି।

ଅନ୍ୟପକ୍ଷେ ବିହାରର ରାଞ୍ଚି (୬୮୩୫ ପଏଣ୍ଟ) ୪ର୍ଥ ସ୍ଥାନରେ ଥିବା ବେଳେ ଧାନବାଦ (୭,୧୯୬ ପଏଣ୍ଟ), ଫରିଦାବାଦ (୭,୩୨୯ ପଏଣ୍ଟ), ମୁମ୍ବାଇ (୭୪୧୯ ପଏଣ୍ଟ), ଶ୍ରୀନଗର (୭୪୮୮ ପଏଣ୍ଟ) ଏବଂ ଦିଲ୍ଲୀ (୭୯୨୦ ପଏଣ୍ଟ) ସହ ଯଥାକ୍ରମେ ୬ଷ୍ଠ, ୭ମ, ୮ମ, ୯ମ ଏବଂ ୧୦ମ ସ୍ଥାନରେ ରହିଛନ୍ତି। ତେବେ ଅନିୟନ୍ତ୍ରିତ ସମ୍ପ୍ରସାରଣ ଏବଂ ଅସଙ୍ଗଠିତ ବର୍ଜ୍ୟବସ୍ତୁ ପରିଚାଳନା ହେତୁ ସହରଗୁଡ଼ିକର ଏପ୍ରକାର ଦୁର୍ବଳ ପ୍ରଦର୍ଶନ ବୋଲି ରିପୋର୍ଟରେ କୁହାଯାଇଛି। ଏଥିରୁ 'ସ୍ୱଚ୍ଛ ଭାରତ ମିଶନ' ଅଭିଯାନ ଅନ୍ତର୍ଗତ ସହରୀ ପରିମଳ ବ୍ୟବସ୍ଥାରେ ଗୁରୁତର ତ୍ରୁଟି ରହିଥିବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷେ ଏହି ରିପୋର୍ଟରେ ଇନ୍ଦୋର, ସୁରଟ ଏବଂ ନଭି ମୁମ୍ବାଇ ପୂର୍ବପରି ଦେଶର ସବୁଠୁ ପରିଷ୍କାର ସହର ଭାବେ ସେମାନଙ୍କ ସ୍ଥାନ ବଜାୟ ରଖି ସୁପର ସ୍ୱଚ୍ଛ ଲିଗ୍‌ରେ ସ୍ଥାନିତ ହୋଇଛନ୍ତି।

# ଗିରଫଦାରୀର କାରଣ ଲିଖିତ ଭାବେ ନ ଦେଲେ ବ୍ୟକ୍ତି ହେବେ ମୁକ୍ତ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫଦାରୀର ଲିଖିତ କାରଣ ପ୍ରଦାନ କରିବା ବାଧ୍ୟତାମୂଳକ ନୁହେଁ। ତଥାପି, ଏହା ଯଥାଶୀଘ୍ର କରାଯିବା ଉଚିତ। ଯଦି ପୋଲିସ ଏପରି କରିବାରେ ବିଫଳ ହୁଏ, ତେବେ ବ୍ୟକ୍ତିଙ୍କୁ ମୁକ୍ତ କରାଯିବ।

କୋର୍ଟ ମୁମ୍ବାଇର ୱର୍ଲି ହିଟ-ଏଣ୍ଡ-ରନ ମାମଲାରେ ଅଭିଯୁକ୍ତ ମିହିର ରାଜେଶ ଶାହଙ୍କ ମାମଲାରେ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ୭ ଜୁଲାଇ, ୨୦୨୪ରେ ଘଟିଥିବା ଏହି ଘଟଣାରେ, ମିହିରଙ୍କ ଉପରେ ୱର୍ଲି ଦମ୍ପତି ପ୍ରଦୀପ ଏବଂ କାବେରୀ ନଖୱାଙ୍କ ସ୍କୁଟରକୁ ଧକ୍କା ଦେବା ଏବଂ ପଳାୟନ କରିବା ସମୟରେ କାବେରୀଙ୍କୁ ତାଙ୍କ କାର ସହିତ ପ୍ରାୟ ଦୁଇ କିଲୋମିଟର ଟାଣି ନେବାର ଅଭିଯୋଗ ରହିଛି। ଏହି ଘଟଣାରେ କାବେରୀଙ୍କ ମୃତ୍ୟୁ ହୋଇଥିଲା। ମିହିର ଆଇନଗତ ଭାବରେ ଯୁକ୍ତି ଦେଇଥିଲେ ଯେ ସେ ଉଦ୍ଦେଶ୍ୟମୂଳକ ଭାବରେ ଅପରାଧ କରିନାହାଁନ୍ତି। ଜନସାଧାରଣଙ୍କ ଚାପରେ, ପୋଲିସ ତାଙ୍କ ବିରୁଦ୍ଧରେ କଠୋର ଅଭିଯୋଗ ଆଣିଥିଲା। ଗିରଫଦାରୀ ସମୟରେ ଲିଖିତ କାରଣ ପ୍ରଦାନ କରାଯାଇ ନଥିଲା। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ମିହିରଙ୍କୁ ଜାମିନ ପ୍ରଦାନ କରିଥିଲେ, କିନ୍ତୁ ସ୍ପଷ୍ଟତା ଆଣିବା ପାଇଁ ଗିରଫଦାରୀର ଲିଖିତ କାରଣ ପ୍ରଦାନ କରିବା ପ୍ରସଙ୍ଗ ଉପରେ ବିସ୍ତୃତ ଭାବରେ ବିଚାର କରିବେ ବୋଲି କହିଥିଲେ। ବର୍ତ୍ତମାନ, ସିଜେଆଇ ବିଆର ଗଭଇ ଏବଂ ବିଚାରପତି ଅଗଷ୍ଟିନ ଜର୍ଜ ମାସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ୫୨ ପୃଷ୍ଠାର ଏକ ବିସ୍ତୃତ ରାୟ ପ୍ରଦାନ କରିଛନ୍ତି। କୋର୍ଟ ସ୍ୱୀକାର କରିଛନ୍ତି ଯେ ସମ୍ବିଧାନର ଧାରା ୨୨ ଅନୁଯାୟୀ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ଲିଖିତ ଭାବରେ ଗିରଫଦାରୀର କାରଣ ଜାଣିବାର ଅଧିକାର ଅଛି। ସିଆର୍‌ପିସିର ଧାରା ୫୦ ଏବଂ ବିଏନ୍‌ଏସ୍‌ଏସ୍‌ର ଧାରା ୪୭ ମଧ୍ୟ ଏହି ସୂଚନା ପ୍ରଦାନ କରେ। ତଥାପି, ଗିରଫ ବ୍ୟକ୍ତିଙ୍କୁ ଗିରଫଦାରୀର ଲିଖିତ ଆଧାର କେଉଁ ସମୟସୀମା ମଧ୍ୟରେ ପ୍ରଦାନ କରାଯିବ ତାହା ଉଲ୍ଲେଖ କରାଯାଇ ନାହିଁ। ତେଣୁ, ଏହି ବିଷୟ ସ୍ପଷ୍ଟ କରିବା ପାଇଁ କୋର୍ଟ କେତେକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ତାହା ମଧ୍ୟରେ ରହିଛି ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଗିରଫଦାରୀର କାରଣ ଜଣାଇବା ଏକ ସାମ୍ବିଧାନିକ ଏବଂ ଆଇନଗତ ଦାୟିତ୍ୱ। ଗିରଫ ହେବାର କାରଣ ଗିରଫଦାରୀ ବ୍ୟକ୍ତିଙ୍କୁ ସେମାନଙ୍କ ବୁଝିବା ଭାଷାରେ ଲିଖିତ ଭାବରେ ଜଣାଇବା ଆବଶ୍ୟକ। ଯେଉଁ କ୍ଷେତ୍ରରେ ଗିରଫଦାରୀ ଅଧିକାରୀ ଲିଖିତ ଭାବରେ କାରଣ ପ୍ରଦାନ କରିପାରିବେ ନାହିଁ, ସେଗୁଡ଼ିକୁ ମୌଖିକ ଭାବରେ ଗିରଫଦାରୀର କାରଣ ବୁଝାଇବା ଉଚିତ। ଯଦି ଗିରଫଦାରୀ ସମୟରେ ଲିଖିତ କାରଣ ପ୍ରଦାନ କରାଯାଇ ପାରିବ ନାହିଁ, ତେବେ ସେମାନେ ଏକ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ଏହା କରିବା ଉଚିତ। ଯେକୌଣସି କ୍ଷେତ୍ରରେ, ଗିରଫଦାରୀ ବ୍ୟକ୍ତିଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯିବାର ଅତି କମରେ ଦୁଇ ଘଣ୍ଟା ପୂର୍ବରୁ ଲିଖିତ ଆଧାର ପ୍ରଦାନ କରାଯିବା ଆବଶ୍ୟକ। ଯଦି ଏହି ସର୍ତ୍ତଗୁଡ଼ିକ ପାଳନ ନ କରାଯାଏ, ତେବେ ଗିରଫ ଏବଂ ରିମାଣ୍ଡକୁ ଅବୈଧ ବୋଲି ବିବେଚନା କରାଯିବ। ଏହା ପରେ, ଗିରଫ ବ୍ୟକ୍ତି ମୁକ୍ତ ହେବାର ହକଦାର ହେବେ। ସୁପ୍ରିମ୍‌କୋର୍ଟ ଗିରଫ ପାଇଁ ଲିଖିତ କାରଣ ପ୍ରଦାନ କରିବା ପାଇଁ ସର୍ତ୍ତଗୁଡ଼ିକ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଯଦି କୌଣସି ବ୍ୟକ୍ତି ଏହି ସର୍ତ୍ତଗୁଡ଼ିକ ପାଳନ ନକରିବା ଯୋଗୁ ମୁକ୍ତ ହୁଅନ୍ତି ଏବଂ ତଦନ୍ତକାରୀ ସଂସ୍ଥା ତାଙ୍କ ହେପାଜତକୁ ଆବଶ୍ୟକ ମନେ କରନ୍ତି, ତେବେ ସେମାନଙ୍କୁ ମାଜିଷ୍ଟ୍ରେଟଙ୍କ ନିକଟରେ ଏକ ଆବେଦନ ଦାଖଲ କରିବାକୁ ପଡିବ। ମାଜିଷ୍ଟ୍ରେଟ ତଥ୍ୟ ସମୀକ୍ଷା କରିବେ ଏବଂ ଗିରଫ ବ୍ୟକ୍ତି ଗିରଫ ପାଇଁ ଲିଖିତ କାରଣ ପ୍ରଦାନ କରିବା ପାଇଁ ସର୍ତ୍ତଗୁଡ଼ିକ ପାଳନ କରିବାରେ ବିଫଳ ହେବାର କାରଣ ବିଚାର କରିବେ। ମାଜିଷ୍ଟ୍ରେଟ ମୁକ୍ତ ବ୍ୟକ୍ତିଙ୍କ ପକ୍ଷ ମଧ୍ୟ ଶୁଣିବେ ଏବଂ ଗୋଟିଏ ସପ୍ତାହ ମଧ୍ୟରେ ତଦନ୍ତକାରୀ ସଂସ୍ଥାର ଆବେଦନ ଉପରେ ନିଷ୍ପତ୍ତି ନେବେ। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଏହି ନିର୍ଦ୍ଦେଶ କେବଳ ଆଇନଗତ ସ୍ପଷ୍ଟତା ପାଇଁ। ମିହିର ରାଜେଶ ଶାହଙ୍କ ମାମଲା ନିମ୍ନ ଅଦାଲତରେ ଚାଲିବ। ତାଙ୍କୁ ଦିଆଯାଇଥିବା ଜାମିନ ବର୍ତ୍ତମାନ ପାଇଁ ବଳବତ୍ତର ରହିବ। ଯଦି ପୋଲିସ ତାଙ୍କ ହେପାଜତ ଆବଶ୍ୟକ କରେ, ତେବେ ସେମାନେ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିପାରିବେ।

## ଅଭିମାନୀ ପ୍ରିୟତମା

ଅଭିମାନିନୀ ତୁ ମନର ମାନସୀ
କେତେ ଅଭିମାନ କରୁ
ଟିକିଏ ବିଳମ୍ବ ସହି ନପାରୁତୁ
କେତେରାଗ ରୁଷା କରୁ।
ବୁଲାଇନେବାକୁ କଥା ଦେଇଥିଲି
ନେଇ ନ ପାରିଲି ତତେ
ଅସୁବିଧା ମୋର ବୁଝିନପାରିଲୁ
ବୋହେ ଗାଳି କଲୁ ମତେ ।
ପ୍ରେମର ଗାଳି ସେ ପୁଷ୍ପ ପରି ଲାଗେ
ପ୍ରେମଭରା କଟୁ କଥା
ଗୋଲାପ ପରି ତ ମୁହଁ ନାଲି ଦେଖି
ନୁଆଁଇ ଦେଲି ମୁଁ ମଥା ।
ଗୋଲାପ ଫୁଲକୁ ତୋଳିବାକୁ ହେଲେ
ଫୋଡ଼ି ହୁଏ ଦେହେ କଣ୍ଟା
ତୁମ ପ୍ରେମ ଛୁଆଁ ପାଇବାକୁ ହେଲେ
ନୁଆଁଇ ଦେବି ମୁଁ ଅଣ୍ଟା ।
ଗୋଲାପ ପାଖୁଡ଼ା ଓଠ ଦୁଇ ତୁମ
ଚୁମ୍ବିଦେଇ ପୀରତିରେ
ସବୁ ରାଗ ତୁମ ଶାନ୍ତ ହୋଇଗଲା
ବାନ୍ଧି ବାହୁ ବନ୍ଧନରେ ।
ଅଶାନ୍ତ ଯୌବନ ଅମାପ ଲହଡ଼ି
ଖେଳିଗଲା ତୁମ ଦେହେ
ଜାବୁଡ଼ି ଧରିଲ ଚୁମ୍ବିଦେଇଗଲ
ମିଶାଇଲ ଦେହ ଦେହେ ।
ପ୍ରେମର ପୀରତି ଅଶାନ୍ତ ହୋଇଲା
ଛାଡ଼ିଲନି କୋଳୁ ମତେ
ବକ୍ଷରେ ଜାବୁଡ଼ି ଧରି ଶୁଣାଇଲ
ହୃଦୟ ସ୍ପନ୍ଦନ ଯେତେ ।
ଶାନ୍ତ ହେଲା ମନ ହୃଦୟ ଆନନ୍ଦ
ହସ ହସ ଏ ବଦନ
ଶରୀରୁ ଝରିଲା ପୀରତି ବାସନା
ଖୁସି ହେଲା ଦୁଇ ମନ ।

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି

## ଜଙ୍ଗଲ କନ୍ୟା

ଆଗୋ ଲାଜବତୀ ଜଙ୍ଗଲ କନ୍ୟା
ତା' ରୂପେ ଉଠେଇ ମଦିରା ବନ୍ୟା
ଦେଖି ତାର ଦୁଇ ମୃଗ ନୟନ
ମନ ମୋର ଆଜି ହେଲାଣି ଉଚ୍ଛନ
ରୂପ ରାଇଜର ଅଟେ
ତୁ ଲାବଣ୍ୟବତୀ
ମୋ ଘରେ ଜାଳିବୁ
ତୁ ସଞ୍ଜବତୀ
ନବ ନିର୍ମିତ ତୋର
ସୁନ୍ଦର ଯୌବନ
ଦେଖିବାକୁ ମନ ଆଜି
ହେଲାଣି ଉଚ୍ଛନ
ଗୋଲାପ କଢ଼ି ପରି
ଉଷ୍ଣ ଯେ ତୁମର
କଥାରେ ତୁମରି
ଝରଇ ମଧୁର ଝର
ଆଗୋ ଲାଜବତୀ ଜଙ୍ଗଲୀ କନ୍ୟା
ଦେହରୁ ତାର ଝରଇ
ପ୍ରୀତିର ବନ୍ୟା
ଚାଲିଗଲେ ତୁ ପଦ୍ମ ଫୁଟିଯାଏ
ହସରୁ ଝରଇ ତାର ମୁକ୍ତାଝର
ଦେହରୁ ତାହାର ବାସ ଯେ ଛୁଟେ
ରୂପରେ ତାର
ନବ ଯୌବନ ପ୍ରକଟେ
ହସ୍ତର ଆଙ୍ଗୁଠି ସତେକି
ଗୋଲାପ କଢ଼ି।

**ପବିତ୍ର ବେହେରା**
ବାହାଲପୁର, ଗଞ୍ଜାମ

# କୋଥଳି

**ଅମ୍ବିକା ସ୍ୱାଇଁ**



ସମୟ ସାଥିରେ ବଦଳି ଚାଲିଛି ଆମ ଦୁନିଆ। ଆମ ସମାଜ, ସଂସ୍କାର, ଆମ ପରମ୍ପରା। ମନେପଡ଼େ ଆଜି ପିଲାଦିନର କଥା। ମାଟି କାନ୍ଥରେ ଲୁହା କଣ୍ଟାରେ ଝୁଲା ହୋଇଥିବା ଜେଜେ ମା'ଙ୍କର ରଙ୍ଗୀନ କୋଥଳିର ଗାଥା। ସେଥିରେ ଭରି ରହିଥାଏ କେତେ ପ୍ରକାରର ଚିଜ। ମହାପ୍ରସାଦ ପୁଡ଼ିଆଠାରୁ ଆରମ୍ଭ କରି ନିର୍ମାଲ୍ୟ, ଚନ୍ଦନ, ତିଳକ ନାଲିନେଳି କାଠମାଳି, ତୁଳସୀ ମାଳ, ଧଣ୍ଡା, ବେଲପତ୍ର ଆହୁରି କେତେ କ'ଣ! ଛୋଟ କାଚ ଗ୍ଲାସ, ପିତଳ ଗିନା ଆଉ କୁନି ଆଇନା କାଠ ପାନିଆ। ସେ ସବୁ ଯେମିତି ଅପେକ୍ଷାରତ ଥାନ୍ତି ଜେଜେ ମାଆଙ୍କର ସେବା କରିବାକୁ।

ଜେଜେମାଆ ଗାଧୋଇ ଆସିଲା ପୂର୍ବରୁ ଘର ବାରଣ୍ଡାରେ ତାଙ୍କ ବୋହୂମାନେ ସଜେଇ ରଖିଥାନ୍ତି ଆସନ, ପିଢ଼ା ଉପରେ କୋଥଳି, ପାଖରେ ପାଣି ଢାଳ ଓ ଥୁଆ ହୋଇଥାଏ ହାତ ବୁଣା ବିଞ୍ଚଣାଟିଏ। ଜେଜେମା' ଗାଧୋଇ ଆସି ପ୍ରଥମେ ତୁଳସୀ ଚଉରା ମୂଳେ ପାଣି ଦିଅନ୍ତି। ସୂର୍ଯ୍ୟ ନମସ୍କାର ସାରି ମନ ଆନନ୍ଦରେ ସଜାହୋଇଥିବା ଆସନରେ ବସିପଡ଼ନ୍ତି। ପୂଜା ପାଠ କରନ୍ତି, ନିର୍ମାଲ୍ୟ ପାଆନ୍ତି। ଛୋଟ ଆଇନାରେ ମୁହଁ ଦେଖି ମଥାରେ ତିଳକ ଲଗାନ୍ତି। ଆମେ ନାତିନାତୁଣୀ ଯିଏ ବି ପାଖରେ ଥାଉ, ପାଖକୁ ଡାକି ଆମ ମୁଣ୍ଡରେ ତିଳକ ଲଗାଇ ଦିଅନ୍ତି। କୋଥଳିରୁ କାମ ସରିଗଲେ ପୁଣି ସେହି ନିର୍ଦ୍ଦିଷ୍ଟ କାନ୍ଥରେ କୋଥଳିକି ଟାଙ୍ଗି ଦିଅନ୍ତି। ପୁଣି କୋଥଳି ଅପେକ୍ଷା କରିଥାଏ ତା' ପରଦିନକୁ। ଖାଲି ଆମ ଜେଜେମା' କାହିଁକି? ସେତେବେଳେ ସମସ୍ତଙ୍କ ଘରେ ଜେଜେ ବାପା, ଜେଜେ ମାଆଙ୍କର ଏହିପରି ନୀତିନିୟମରେ କୋଥଳି ସେବା କରା ଯାଉଥିଲା। ନୂଆବୋହୂଟି ଯେତେବେଳେ ବିବାହ କରି ପ୍ରଥମେ ଶାଶୂଘରକୁ ଆସୁଥିଲା, ଆସିଲା ବେଳେ ସାଥିରେ ଆଣୁଥିଲା କୋଥଳିର ସଜ। ସେହି କୋଥଳିର ସଜ ଭିତରେ ରହୁଥିଲା ଭିନ୍ନ ଭିନ୍ନ ରକମର ଚିଜ। ଚନ୍ଦନ, ତିଳକ, ଗିନା, ପାନିଆ, ଆଇନା, କାଠମାଳି, ଛୋଟ ଗୀତା ଓ ଭାଗବତ ପୁସ୍ତକ। ଝିଅଟିର ବିବାହ ସ୍ଥିର ହୋଇଗଲେ ପ୍ରଥମେ ଟ୍ରଙ୍କ ସଜରେ ସ୍ଥାନ ନେଉ ଥିଲା ଏହି କୋଥଳିର ପରମ୍ପରା। ନୂଆବୋହୂଟିଏ ସଜବାଜ ହୋଇ ମୁଣ୍ଡରେ ଓଢ଼ଣା ଦେଇ ଘର କୋଣରେ ଚାହିଁ ରହୁଥିଲା। ଶାଶୂଶ୍ୱଶୁର ଖୁର୍ତ୍ତାଶୁର ବା ଦେଢ଼ଶୁର ଗାଧୋଇବା ପାଇଁ ଗଲା କ୍ଷଣି ତା' ମନରେ ଜାଗି ଉଠୁଥିଲା କୋଥଳି ସେବା ଦେବାର ତତ୍ପରତା। ଭକ୍ତି ଭାବନା ସମ୍ମାନର ସହ ତରତର ହୋଇ ସଜେଇ ଦେଉଥିଲା ଖୁବ୍ ଆତ୍ମୀୟତାର ପଣରେ ଏହି କୋଥଳିକୁ। ଚନ୍ଦନ ବା ତିଳକ ଘୋରି ରଖି ଦେଉଥିଲା ଛୋଟ ପିତଳ ଗିନାରେ। ମୁଁ ବି ଏଥିରୁ ବାଦ୍ ଯାଇନି, ମୁଁ ଯେତେବେଳେ ଶାଶୂଘରକୁ ନୂଆବୋହୂ ହୋଇ ଯାଇଥିଲି ସେତେବେଳେ ମୋ ସାଥିରେ ଟ୍ରଙ୍କ ସଜରେ କୋଥଳି ଏକ ମୁଖ୍ୟ ଜାଗା ଗ୍ରହଣ କରିଥିଲା। କୋଥଳିର ଉଚିତ୍ ବ୍ୟବହାର କରି ମୁଁ ମୋ ବୋହୂପଣର ମୁଖ୍ୟ ଭୂମିକାରେ ମୋ କର୍ତ୍ତବ୍ୟକୁ ନିଭାଇଥିଲି। ବୋହୂଟି ଆମର କେତେ ଶଠଣା ଜାଣିଛି ବୋଲି ସମସ୍ତେ ବାହାବା କରୁଥିଲେ। ସେହି କୋଥଳି ଭିତରେ ଥିବା ଉପକରଣ ଭିତରେ ଚନ୍ଦନ ପେଡ଼ି, ଚନ୍ଦନ କାଠଠାରୁ ଆରମ୍ଭ କରି କୋଥଳିର ସବୁ ଦରକାରୀ ଜିନିଷ ଭରି ହୋଇ ରହିଥିଲା। କ୍ରୁସ୍‌ରେ ହାତ ବୁଣା ନାଲି ନେଳି ସୂତାରେ ତିଆରି ଏକ ସୁନ୍ଦର କୋଥଳି ଯାହାକୁ କି ମୁଁ ନିଜେ ତିଆରି କରିଥିଲି ଏବଂ ମୋ ବୋଉ ଓ ସାନଖୁଡ଼ୀଙ୍କଠାରୁ ଏହି ବୁଣାବୁଣି ହାତକାମ ଶିଖିଥିଲି। ମୋ ଶାଶୂଙ୍କର କିନ୍ତୁ ଏହି କୋଥଳି ସେବା ପ୍ରତି ଅନୁରାଗ ନ ଥିଲା। ସେ ଟିକେ ଆଧୁନିକ ଶୈଳୀରେ ଜୀବନଯାପନ କରୁଥିଲେ।

ସେଥିପାଇଁ ତ ମୋ ମୁଣ୍ଡରେ ଓଢ଼ଣା ଦେବା ପାଇଁ ଆକଟ ନ କରି ମୋ ମୁଣ୍ଡରୁ ସେତେବେଳେ ସେ ଓଢଣା କାଢ଼ି ଦେଇଥିଲେ। ବୋହୂ ପରି ନୁହେଁ, ଝିଅ ପରି ଦୃଷ୍ଟିରେ ଦେଖୁଥିଲେ ଏବଂ ଚଳିବା ପାଇଁ ପରାମର୍ଶ ଦେଇଥିଲେ। ଶ୍ୱଶୁର କିନ୍ତୁ ମୋର ଭାରି ଧାର୍ମିକ, ଭଗବତ ପ୍ରେମୀ, ଶାକାହାରୀ ଥିଲେ। ଗାଧୋଇ ଆସି ମୁଣ୍ଡରେ ତିଳକ ଲଗାଇ ଗୀତା ପାଠ କରିବା ତାଙ୍କର ନିତିଦିନିଆ ଅଭ୍ୟାସ ଥିଲା। ତେଣୁ ତାଙ୍କ ସେବାରେ କୋଥଳି ଏବଂ କୋଥଳିରେ ଥିବା ସାମଗ୍ରୀର ପ୍ରୟୋଜନ ଯଥେଷ୍ଟ ଥିଲା ।

ମୁଁ ନେଇଥିବା ସେହି କ୍ରୁସ୍ ବୁଣା କୋଥଳିକୁ ମୋ ଶ୍ୱଶୁର ଖୁବ୍ ଯତ୍ନରେ ସାଇତି ରଖିଥିଲେ, ସେ ବ୍ୟବହାର କରୁଥିବା ତାଙ୍କ ଟ୍ରଙ୍କ ଭିତରେ। ମୁଁ ତ ବିବାହର କିଛି ମାସ ପରେ ଆସି ରହିଲି ଭୁବନେଶ୍ୱରରେ ମୋ ସ୍ୱାମୀଙ୍କ ପାଖରେ। ମଝିରେ ମଝିରେ ଗାଁକୁ ଗଲେ ଦେଖେ ମୋ ପୂଜ୍ୟଶ୍ୱଶୁର (ବାପା) ଯେ କି ମୋତେ ଖୁବ୍ ଭଲ ପାଆନ୍ତି, ଝିଅଠାରୁ ଅଧିକ। ମୁଁ ଦେଇ ଆସିଥିବା କୋଥଳିରେ ଯେଉଁ ଜିନିଷ ଯେମିତି ଥିଲା, ସେହିପରି ରହିଥାଏ ସବୁଦିନ ପାଇଁ। ସେଥିରେ ବାପା ମିଶାଇ ରଖିଥାନ୍ତି ଏକ ଛୋଟ ହନୁମାନ ଚାଳିଶା ଓ ଛୋଟ ଗୀତା ବହିଟିଏ। ସବୁଦିନ ସକାଳେ ସନ୍ଧ୍ୟାରେ ହନୁମାନ ଚାଳିଶା ଓ ଗୀତା ଭାଗଗତ ପଢ଼ନ୍ତି। ସମୟ ସାଥିରେ ଏମିତି ଦିନ ଗଡ଼ି ଚାଲେ। ମଝିରେ ମଝିରେ ଗାଁରୁ ମୋ ପାଖକୁ ଭୁବନେଶ୍ୱର ଆସନ୍ତି ବାପା। କହନ୍ତି ଜୌଳକା ଆଶ୍ରମ ଆସିଥିଲି ତ ଭାରି ଇଚ୍ଛା ହେଲା ତୋତେ ଦେଖିବାକୁ। ସେଥିପାଇଁ ଚାଲି ଆସିଲି। ଏଇଠି କହି ରଖେ ମୋ ଶ୍ୱଶୁର (ବାପା) ସମ୍ପୂର୍ଣ୍ଣ ଗୃହସ୍ଥ ନଥିଲେ। ସେ ବାବା ବୈକୁଣ୍ଠ ବ୍ରହ୍ମଚାରୀଙ୍କର ଅନୁଗାମୀ ଥିଲେ।

ପ୍ରାୟତଃ ସେ ଭଜନ, କୀର୍ତ୍ତନ, ପୂଜାପାଠ ତପ ଜପରେ ସମୟ ଅତିବାହିତ କରୁଥିଲେ। ସେଥିପାଇଁ ଘର ସଂସାର ମୋହ ମାୟାଠାରୁ ଟିକେ ଅଲଗା ପ୍ରକାର ଜୀବନ ଯାପନ କରୁଥିଲେ। ତାଙ୍କର କୌଣସି ଜିନିଷ ପ୍ରତି ଆସକ୍ତି ନଥିଲା। ତାଙ୍କ ଦେହାନ୍ତର ପୂର୍ବରୁ ଯେବେ ଶେଷଥର ଆମ ପାଖକୁ ଭୁବନେଶ୍ୱର ଆସିଥିଲେ ମୋତେ ପାଖକୁ ଡାକି ତାଙ୍କ ବ୍ୟାଗ୍ ଭିତରେ ଜୌଳକା ଆଶ୍ରମରୁ ଆଣିଥିବା କିଛି ପୁସ୍ତକ, ତୁଳସୀ ମାଳଟିଏ ଏବଂ ଆମ ଘରୁ ବାହାଘର ବେଳେ ମୁଁ ଆଣିଥିବା ସେହି କୋଥଳିକୁ ମୋ ହାତକୁ ବଢ଼ାଇ ଦେଇ କହିଥିଲେ- ନେ ଯାକୁ ପାଖରେ ସାଇତି ରଖିଥିବୁ। ଏଥିରେ ଥିବା ଗୀତା, ଭାଗବତ, ହନୁମାନ ଚାଳିଶାକୁ ନିତି ପଢୁଥିବୁ। କୋଥଳିରେ ଥିବା ଜିନିଷ କେତେବେଳେ କେଉଁ ଦରକାରୀ କାମରେ ଆସିପାରେ। ଏମିତି ଆବେଗପୂର୍ଣ୍ଣ ସ୍ନେହଭରା ଛଳଛଳ ଚାହାଣୀରେ ମୋ ମୁହଁକୁ ଚାହିଁ କହୁଥାନ୍ତି। ତାଙ୍କର ଏପରି ବ୍ୟବହାର ଦେଖି କାହିଁକି କେଜାଣି ମନ ଭିତରେ ଟିକେ ଆଶଙ୍କା ଜାତ ହେଲା। ମନେ ମନେ ଭାବିଲି, ବାପା ତ ପ୍ରଥମରୁ ଅନେକ ଥର ଆସିଛନ୍ତି। ହେଲେ ଏଥର କୋଥଳି କାହିଁକି ସାଥୀରେ ଧରି ଆସିଛନ୍ତି। ମନ ଭାରି ବ୍ୟସ୍ତ ଲାଗିଲା, କହିଲି- ବାପା ଆପଣ ଆମ ପାଖରେ କିଛି ଦିନ ରୁହନ୍ତୁ ତା'ପରେ ଯିବେ। ସେ କହିଲେ- ନାହିଁରେ ମା' ତୁମେ ଭଲରେ ଥା, ମୁଁ ଯାଉଛି। ସବୁ ବନ୍ଧୁ ଘରକୁ କେବେଠାରୁ ଯାଇନି। ସମସ୍ତଙ୍କ ଘରେ ଟିକେ ମୁହଁ ମାରି ତା'ପରେ ଗାଁକୁ ଯିବି ।

କିଛି ସମୟ ପରେ ମୁଁ ବିନା ପିଆଜ ରସୁଣରେ ରୋଷେଇ କରିଥିବା ଡାଲି, ତରକାରୀ ଓ ଭଜା ଇତ୍ୟାଦି ଭାତ ସହ ବାଢ଼ିଦେଲି। ଭାରି ମନ ଖୁସିରେ ଖାଇଲେ ଓ କହିଲେ- ମା' ପୋଟଳ ତରକାରୀଟା ଭାରି ବଢ଼ିଆ ଲାଗୁଛି। ରାଗ ମସଲା କିଛି ନାହିଁ। ଖୁବ୍ ସୁଆଦିଆ ଲାଗୁଛି। ଘରେ ତ ଖାଲି ଆମର ତେଲ, ମସଲା, ରାଗ ଏତେ ପକାନ୍ତି ଯେ ଖାଇ ହୁଏନା। ତୁ ମା' କ'ଣ ପକାଇକି ରାନ୍ଧିଛୁ? ମୁଁ କହିଲି- ନଡ଼ିଆ ରସ ଦେଇ ରାନ୍ଧିଛି। ତା'ପରେ ପଚାରିଲି- ସତରେ ବାପା ଭଲ ଲାଗୁଛି? ସେ କହିଲେ- ହଁ ମ ବଢ଼ିଆ ଲାଗୁଛି। ମୋତେ ଭାରି ଖୁସି ଲାଗିଲା, ଯାହାହେଉ ବାପା ଏତେ ଖୁସିରେ ଖାଇଲେ। କିଛି ସମୟ ବିଶ୍ରାମ ନେଇ ଘରୁ ବାହାରି ଗଲେ। ତାଙ୍କ ପୁଅ ବସରେ ବସାଇ ଦେଇ ଆସିଲେ। ବାପା ଗଲା ପରେ ମୋ ମନ ବିଲକୁଲ ଭଲ ଲାଗୁ ନ ଥାଏ। ଖାଲି ପାପ ଛୁଉଁ ଥାଏ ମନ। ବାପା କୋଥଳି କାହିଁକି ଗାଁରୁ ଆଣିକି ଆସିଥିଲେ। ଏମିତି ମନ ମୋର ଗୋଳେଇ ଘାଣ୍ଟି ହେଉଥାଏ। ବାପା ଭୁବନେଶ୍ୱରରୁ ଯିବାର ଠିକ ଏଗାରଦିନ ପରେ ଗାଁରୁ ଫୋନ୍ ଆସିଲା। ଦେଢ଼ଶୁର ଫୋନ କରିଥିଲେ, ବାପାଙ୍କ ଦେହ ଭଲ ନାହିଁ। ବାପା କିଛି ଖିଆପିଆ କରୁ ନାହାନ୍ତି। ସେମିତି ଗୋଟିଏ ଜାଗାରେ ତପସ୍ୟାରତ ପରି ବସି ରହିଛନ୍ତି। ଏପରି ଖବର ଶୁଣି ସ୍ୱାମୀସ୍ତ୍ରୀ, ପୁଅଝିଅକୁ ଧରି ଏକ ଟ୍ୟାକ୍ସି ଭଡ଼ା କରି ତୁରନ୍ତ ଯାଇ ଗାଁରେ ପହଁଞ୍ଚିଲୁ। ସତକୁ ସତ ଦେଖିଲୁ ବାପାଙ୍କର ଅବସ୍ଥା ଏହିପରି। ମୁହଁ ତଳକୁ କରି ଆଣ୍ଠୁ ଭାଙ୍ଗି ବସିଛନ୍ତି ତପସ୍ୟା କଲାପରି ବାପା। ମୁଁ ଯେତେବେଳେ ଯାଇ ବାପାଙ୍କର ମୁଣ୍ଡକୁ ଧରି ବାପା,ବାପା ଡାକିଲି ମୋତେ ହଠାତ୍ ଅପଲକ ନୟନରେ ମୋ ମୁହଁକୁ ଚାହିଁଲେ। ମୋ ମଥାରେ ହାତ ବୁଲାଇ ଆଣିଲେ ଏବଂ ଧୀରେ ଧୀରେ ଖନ ଖନ ହୋଇ କହିଲେ- ଆରେ ମା' ତୁ ଆସିଛୁ! ମୋ ସହ ବାପାଙ୍କର ଶେଷକଥା- ଶୁଣୁ ମା' ମୁଁ ଆଉ ବଞ୍ଚିବିନିରେ। ମୋତେ ପୋଡ଼ିବନି। ସମାଧି ଦେବ। ସେମାନେ କାଳେ ବୁଝିବେନି ତୁ ସେମାନଙ୍କୁ ବୁଝାଇ ଦେବୁ। ବୋଧହୁଏ ବାପାଙ୍କର ମୋ ଉପରେ ପୂର୍ଣ୍ଣ ବିଶ୍ୱାସ ଥିଲା। ଥର ଥର କଣ୍ଠରେ ମୋତେ ଧୀର ଗଳାରେ ଏକଥା କହିଲେ। ପାଖରେ ଘେରି ରହିଥିବା ସାଇପଡ଼ିଶା ଘର ଲୋକ ଏକଥା ଶୁଣି ଏବଂ ଦେଖି ଆଶ୍ଚର୍ଯ୍ୟ ଚକିତ ହେଲେ। ମୋରି ହାତରୁ ସାମାନ୍ୟ ନିର୍ମାଲ୍ୟ ପାଣି ଗ୍ରହଣ କରି ଶେଷ ନିଃଶ୍ୱାସ ତ୍ୟାଗ କଲେ ବାପା। ଏହା ମୋର ଭାଗ୍ୟ ବା ଦୁର୍ଭାଗ୍ୟ ତାହା ମୁଁ ଜାଣେ ନାହିଁ। ସବୁ ସେହି ପ୍ରଭୁଙ୍କର ଇଚ୍ଛା। କାହିଁକି କେଜାଣି ତିନି ବୋହୂଙ୍କ ଭିତରୁ ବାପା ମୋତେ ବହୁତ ଭଲ ପାଆନ୍ତି, ସମସ୍ତଙ୍କ ଆଗରେ କହିବୁଲନ୍ତି ମୋ ମଝିଆଣୀ ବୋହୂ ମଣିଷ ପରି ମଣିଷଟିଏ, ବୋହୂ ନୁହେଁ ତ ରତ୍ନଟିଏ। ସବୁବେଳେ ମୋ ସହ ଆଧ୍ୟାତ୍ମିକ ଚିନ୍ତା ଚେତନାର ବାର୍ତ୍ତା ବାଣ୍ଟନ୍ତି, ମୋତେ ଭଲ ଭଲ ବହି ପଢ଼ିବାକୁ ଦିଅନ୍ତି। ତାଙ୍କ ଦୃଷ୍ଟି କୋଣରେ ଭଲ ବୋହୂଟିଏ ବୋଲି ସେ ବିଚାର କରନ୍ତି। ପାଠକ ବନ୍ଧୁ କ୍ଷମା କରିବେ ଏଠି ମୁଁ ମୋର ଆତ୍ମପ୍ରଶଂସା କରୁନି। କେବଳ ମୋ ଶ୍ୱଶୁରଙ୍କର ମୋ ପ୍ରତି ଥିବା ଭାବନାକୁ ସତ୍ୟତାର ସହ ବ୍ୟକ୍ତ କରୁଛି। ବାପା ଆମ ସ୍ୱର୍ଗରେ ଥାଇ ବି ଜାଣି ପାରୁଥିବେ ଏହି ବିଶ୍ୱାସ ମୋର ରହିଛି। ବାପାଙ୍କୁ ମୁଁ ମାନବ ନୁହେଁ ଭଗବାନ ପରି ଅନୁଭବ କରେ। ମୁଁ ଯେବେ ଗାଁକୁ ଯାଏ ବା ସେ ମୋ ପାଖକୁ ଆସନ୍ତି ତାଙ୍କ ମନର ସବୁ କଥା ମୋତେ କୁହନ୍ତି। ପୁରାଣ ଶାସ୍ତ୍ରଠାରୁ ଆରମ୍ଭ କରି ଆଶ୍ରମର କଥା, ତାଙ୍କ ଗୁରୁ ବାବା ବୈକୁଣ୍ଠ ବ୍ରହ୍ମଚାରୀଙ୍କ ବିଷୟରେ ଖୁବ୍ ସୁନ୍ଦର ତଥ୍ୟ ଭିତ୍ତିକ ଶିକ୍ଷଣୀୟ କଥାସବୁ ମୋତେ କୁହନ୍ତି। ଜୌଳକା ଆଶ୍ରମରୁ ପ୍ରକାଶିତ ପତ୍ରିକା ମୋତେ ପଢ଼ିବାକୁ ଦିଅନ୍ତି। ସେ ସବୁ ପଢ଼ିଲେ ଅନେକ କିଛି ଶିଖିବାକୁ ମିଳେ।

ସବୁ ଭିତରେ ମୋ ସହ ତାଙ୍କ ଶେଷକଥାଟି କୋଥଳିର କାହାଣୀ ଚିରସ୍ମୃତି ହୋଇ ରହିଗଲା ମୋ ସ୍ମୃତିପଟରେ। ବାପା ସିନା ଚାଲିଗଲେ ଦେହାନ୍ତରେ, ହେଲେ ସବୁଦିନ ପାଇଁ ରହିଗଲା ବାପାଙ୍କ ସ୍ମୃତି ବହନ କରୁଥିବା ସେହି ସ୍ନେହ ଆଶିଷ ଭରା କୋଥଳି ଏବଂ ତା' ଭିତରେ ଥିବା ଅମୂଲ୍ୟ ରତ୍ନ, ଗୀତା ଭାଗବତ, ହନୁମାନ ଚାଳିଶା, ତୁଳସୀ ମାଳ ଆହୁରି କେତେ କ'ଣ। ମୋତେ ସମର୍ପି ଦେଇଥିବା ମୋ ହାତରେ ସେହି କୋଥଳି ଯେମିତି ନିତି ମୋ ସହ କଥା ହେଉଛି, ମୋତେ ଆଗକୁ ଯିବାକୁ ପ୍ରେରଣା ଦେଉଛି। ସତରେ, ମୁଁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛି ବାପାଙ୍କର ଆଶୀର୍ବାଦ ସେହି କୋଥଳି ଭିତରେ ଭରି ରହିଛି।

ଏହାରି ଭିତରେ ଅନେକ ବର୍ଷ ବିତିଗଲାଣି। ବାପାଙ୍କର ସେହି ସ୍ନେହ ଆଶିଷ ଭରା କୋଥଳିକୁ ମୋ ପାଖରେ ସଯତ୍ନେ ସାଇତି ରଖିଛି। ବାପାଙ୍କର କହିବା ଅନୁସାରେ ସେ କୋଥଳି ଭିତରେ ଥିବା ଜିନିଷ କେତେ କାମରେ ଲାଗୁଛି। ଦିନେ ଆମ ପଡିଶାଘର ଶତପଥୀ ମଉସା ଶଯ୍ୟାଶାୟୀ ଥା'ନ୍ତି। ଏମିତି ବିଛଣାରେ ଦୀର୍ଘ ଦୁଇ ବର୍ଷ କାଳ ପଡ଼ି ରହିଥାନ୍ତି। ହଠାତ୍ ଦିନେ କାର୍ତ୍ତିକ ମାସର ଶୁକ୍ଳ ପଞ୍ଚମୀ ତିଥିରେ ତାଙ୍କ ଦେହ ଭୀଷଣ ଖରାପ ହୋଇଗଲା। ଖାଇବା ପିଇବା ବନ୍ଦ କରିଦେଲେ। ଖାଲି ଘଡ଼ଘଡ଼ ହୋଇ ଜୋରରେ ଘଡ଼ିକିଆ ନିଃଶ୍ୱାସ ଛାଡ଼ିଲେ। ତାଙ୍କ ବୋହୂ ବ୍ୟସ୍ତ ହୋଇ ପଡ଼ିଲା। ପାଖରେ କେହି ନାହାନ୍ତି, କ'ଣ କରିବ! ମୋତେ ଡାକ ଛାଡିଲା- ଅପା ଟିକେ ଶୀଘ୍ର ଆସନ୍ତୁ ବାପା କ'ଣ ଏମିତି ହେଉଛନ୍ତି, ଆସିଲେ ଟିକେ ଦେଖିବେ। ମୁଁ ପହଞ୍ଚି ଦେଖିଲି ତାଙ୍କର ଶେଷ ନିଶ୍ୱାସ ଯିବା ଉପରେ। ମୁଁ କହିଲି- ଅନୁ ଗୋଟେ ଗିନାରେ ନିର୍ମାଲ୍ୟ ପାଣି ଟିକେ ଆଣ। ସେ କହିଲା- ଅପା ନିର୍ମାଲ୍ୟ ତ କେଉଁଠି ଆମ ଘରେ ନାହିଁ। କିନ୍ତୁ ମୋ ଶ୍ୱଶୁର ମୋତେ ବହୁତ ଦିନ ଆଗରୁ କହିଥିଲେ-ବୋହୂ ମୋ ଜୀବ ଗଲା ବେଳେ ମୋ ପାଟିରେ ଟିକେ ନିର୍ମାଲ୍ୟପାଣି ଦେବୁ ଆଉ ମୋ ଶବ ପୋଡ଼ା ହେଲାବେଳେ ଚନ୍ଦନ କାଠ ଆଉ ଶୁଖିଲା ତୁଳସୀ କାଠି ଟିକେ ଆଗରୁ ସାଇତି ରଖିଥିବୁ ଦେବୁ, ଭୁଲିବୁନି। କାହିଁକି ଜାଣିଛୁ ଅନୁ, ନିର୍ମାଲ୍ୟ ପାଣି ପାଟିରେ ନେଇ ମଲେ ମଣିଷ ସ୍ୱର୍ଗପ୍ରାପ୍ତି ହୁଏ, ଆଉ ପୋଡ଼ା ହେଲାବେଳେ ତୁଳସୀ କାଠି ଦେଲେ ମଣିଷ ଜନ୍ମରୁ ମୁକ୍ତି ମିଳେ। ଶ୍ୱଶୁର ସିନା କହିଥିଲେ- ହେଲେ ବୋହୂ କିନ୍ତୁ ଏସବୁ ସାଇତି ରଖିନି। ତା'ଶାଶୂ ପାଞ୍ଚ ବର୍ଷ ପୂର୍ବରୁ ଚାଲି ଯାଇଛନ୍ତି। ଅନୁ କ'ଣ କରିବ ବୁଝିପାରିଲାନି ଏସବୁ ସାମଗ୍ରୀ କିଛି ତା' ପାଖରେ ନାହିଁ। ଏହି ସମୟରେ ସ୍ୱାମୀ ବି ତା'ର ଘରେ ନ ଥାନ୍ତି। ମୋର ମନେ ପଡ଼ିଗଲା ବାପାଶ୍ୱଶୁର ଦେଇଥିବା ମୋର ସେହି ବିଶ୍ୱାସ ଭରସା ସ୍ମୃତିର କୋଥଳି କଥା। ଘର ଭିତରକୁ ଏକ ନିଶ୍ୱାସରେ ଦୌଡ଼ି ଆସିଲି। କାନ୍ଥ କଣ୍ଟାରେ ସେମିତି ନିର୍ବାକ ଭାବରେ ଟଙ୍ଗା ହୋଇଥିବା କୋଥଳିକୁ ତଳକୁ ଆଣି ଅଣ୍ଡାଳି ପକାଇଲି। ଏତେବର୍ଷ ପରେ ସେଥିରେ ସାଇତା ହୋଇ ରହିଥିବା ମୋ ଶ୍ୱଶୁରଙ୍କ ସ୍ମୃତିର ନିର୍ମାଲ୍ୟ ପୁଡ଼ିଆ ଓ ତୁଳସୀକାଠି ଯେମିତି ସଜାଗ ହୋଇ ଅପେକ୍ଷାରତ ଥିଲେ ମୁମୂର୍ଷୁ ଅବସ୍ଥାର ସେହି ଶତପଥୀ ମଉସାଙ୍କ ଶେଷ ନିଃଶ୍ୱାସକୁ।

**ଭୁବନେଶ୍ୱର**
**ମୋ: ୯୭୭୭୫୯୯୬୯୫**

# ମଲ୍ଟି କଲର୍ ଜୁଏଲେରୀ









**ଗହଣା ପ୍ରତି ନାରୀମାନଙ୍କର ଦୁର୍ବଳତା ସବୁବେଳେ ରହିଆସିଛି । ଖାସ୍ ଏହି କଥାକୁ ଆଖି ଆଗରେ ରଖି ସମୟକ୍ରମେ ଗହଣାର ପରିପାଟୀରେ ଆସିଛି ଅନେକ ପରିବର୍ତ୍ତନ । ଏଇ ଯେମିତି ଆଜିର ଫ୍ୟାଶନରେ ମଲ୍ଟି କଲର୍ ଜୁଏଲେରୀର ରହିଛି ବେଶ୍ ଚାହିଦା । ତେବେ ଯେକୌଣସି ପୋଷାକରେ ସୁନ୍ଦର ଲାଗୁଥିବା ଏହି ଜୁଏଲେରୀର କ'ଣ ସବୁ ଲାଟେଷ୍ଟ୍ ଡିଜାଇନ୍ ରହିଛି, ଜାଣନ୍ତୁ ସେ ସମ୍ପର୍କରେ...**

**ମଲ୍ଟି କଲର୍ ପେଣ୍ଡେଣ୍ଟ୍ ନେକ୍‌ଲେସ୍:** ଖାସ୍‌କରି ପର୍ଲ ନେକ୍‌ଲେସ୍ ସାଙ୍ଗରେ ମଲ୍ଟି ଷ୍ଟୋନ୍ ଖଚିତ ପେଣ୍ଡେଣ୍ଟ ଅଧିକ ସୁନ୍ଦର ଦେଖାଯାଇଥାଏ । ଏହାକୁ ଯେକୌଣସି ଅକେଜନ୍‌ରେ ବି ଆରାମରେ କ୍ୟାରି କରାଯାଇପାରେ ।

**ମଲ୍ଟି କଲର୍ ଟାଇମ୍-ପିସ୍ ନେକ୍‌ଲେସ୍:** ଯେଉଁ ଯୁବତୀଙ୍କୁ ଚାର୍ମ ଲୁକ୍ ପସନ୍ଦ, ସେମାନେ ଚାହିଁଲେ ମଲ୍ଟି କଲର୍ ଟାଇମ୍ –ପିସ୍ ନେକ୍‌ଲେସ୍ ଟ୍ରାଏ କରିପାରିବେ । କାରଣ ଏହା ଏକ ପ୍ରକାରର ଟ୍ରେଣ୍ଡି ଜୁଏଲେରୀ ।

**ମଲ୍ଟି ଷ୍ଟୋନ୍ ସିଙ୍ଗଲ୍ ଷ୍ଟେଟ୍‌ମେଣ୍ଟ ନେକଲେସ୍:** ଏହି ନେକ୍‌ଲେସ୍‌କୁ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ । ଏଥିରେ ମଲ୍ଟି ଷ୍ଟୋନ୍ ଲାଗିଥିବାରୁ ଏହାକୁ ଯେକୌଣସି ରଙ୍ଗର ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିହୁଏ । ଖାସ୍‌କରି ଡିପ୍ ନେକ୍ ଥିବା ଆଉଟ୍‌ଫିଟ୍ ସହ ଏହି ଟାଇପ୍‌ର ନେକଲେସ୍‌କୁ ପିନ୍ଧିଲେ ଏହା ସ୍ପଷ୍ଟଭାବେ ଦେଖାଯାଇଥାଏ ।

**ମଲ୍ଟି କଲର୍ ଇୟର ରିଂ:** ଏହି ଇୟର ରିଂକୁ ଯେକୌଣସି କଲର୍‌ର ଆଉଟ୍‌ଫିଟ୍ ସହ ଆରାମରେ କ୍ୟାରି କରିହୁଏ । ତେବେ ତାହା ଟ୍ରାଡିଶ୍‌ନାଲ୍ ସାଲ୍‌ୱାର୍ ସୁଟ୍ ହେଉ କି ଜିନ୍ସ ଅବା ସର୍ଟ୍ସ । ଆଜିକାଲି ତ ଗୋଲ୍ଡ, ରୋଜଗୋଲ୍ଡ ତଥା ସିଲ୍‌ଭର୍ କଲର୍‌ର କମ୍ବିନେଶନକୁ ମିଶାଇ ତିଆରି ହେଉଥିବା ଏକ ସ୍ୱତନ୍ତ୍ର ଧରଣର ମଲ୍ଟି କଲର୍ ଇୟର ରିଂର ଖୁବ୍ ଚାହିଦା ରହୁଥିବା ଦେଖିବାକୁ ମିଳୁଛି, ଯାହା ଆକର୍ଷଣୀୟ ଲାଗିବା ସହ ନାରୀଙ୍କୁ ଭାଇବ୍ରାଣ୍ଟ ଲୁକ୍ ଦେଇପାରୁଛି ।

**ମଲ୍ଟି କଲର୍ ମିସ୍‌ମ୍ୟାଚ୍ ଇୟର ରିଂ:** ବର୍ତ୍ତମାନର ଫ୍ୟାଶନ ଦୁନିଆରେ ମିସ୍‌ମ୍ୟାଚ୍ ଜୁଏଲେରୀର ବି ଖୁବ୍ ଚାହିଦା ରହି ଥିବା ଦେଖିବାକୁ ମିଳୁଛି । ଖାସ୍‌କରି ମଲ୍ଟି କଲର୍ ଷ୍ଟୋନ୍‌ରେ ଆସୁଥିବା ମିସ୍‌ମ୍ୟାଚ୍ ଇୟର ରିଂ ଯୁବତୀମାନଙ୍କର ପ୍ରଥମ ପସନ୍ଦ ପାଲଟିଛି । ତେବେ ଏହି ଟାଇପ୍‌ର ଇୟର୍ ରିଂ ପିନ୍ଧିଲାବେଳେ ଶରୀରରେ ଆଉ କୌଣସି ମଲ୍ଟି କଲର୍‌ର ଜୁଏଲେରୀ ପିନ୍ଧିବା ଆଦୌ ଠିକ୍ ନୁହେଁ । ନଚେତ୍ ଲୁକ୍ ସେତେ ଆଟ୍ରାକ୍ଟିଭ୍ ଲାଗିବନି ।

**ମଲ୍ଟି କଲର୍ ଚୁଡ଼ି:** ମଲ୍ଟି କଲର୍ ଷ୍ଟୋନ୍ ଲାଗିଥିବା ଖୁବ୍ ସୁନ୍ଦର ସୁନ୍ଦର ଚୁଡ଼ି ଏବେ ମାର୍କେଟ୍‌ରେ ମିଳୁଛି, ଯାହାକୁ ଖାସ୍ କରି ଶାଢ଼ି, ସାଲ୍‌ୱାର୍ ସୁଟ୍ କିମ୍ବା ଲେହେଙ୍ଗା ସହ ପିନ୍ଧିଲେ ଗର୍ଜିୟସ୍ ଲୁକ୍ ମିଳିଥାଏ । ବିନା ଷ୍ଟୋନ୍‌ବାଲା ମଲ୍ଟି କଲର୍ ଚୁଡ଼ି ବି ଏବେ ମାର୍କେଟରେ ମିଳିଲାଣି, ଯାହାକୁ ପାର୍ଟି, ଫଙ୍କଶନ୍‌କୁ ଗଲାବେଳେ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଆକର୍ଷଣୀୟ ଲାଗିଥାଏ ।

**ମଲ୍ଟି କଲର୍ ରିଙ୍ଗ୍:** ରିଙ୍ଗ୍ ବା ମୁଦି ବି ହେଉଛି ଏମିତି ଏକ ଜୁଏଲେରୀ, ଯାହା ହାତର ଶୋଭା ବର୍ଦ୍ଧନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ନାନା ପ୍ରକାରର ମୁଦି ମଧ୍ୟରେ ମଲ୍ଟି କଲର୍ ରିଙ୍ଗ୍ ତ ଅଧିକ ଆକର୍ଷକ ଲାଗେ । ଏହାକୁ ଶାଢ଼ିଠୁ ଆରମ୍ଭ କରି ଏମ୍ବ୍ରୋଡୋରିର ଜ୍ୟାକେଟ୍ ପର୍ଯ୍ୟନ୍ତ ସବୁଥରେ ମ୍ୟାଚିଂ କରି ପିନ୍ଧିପାରିବେ ।





## ଏ ସବୁ ଜିନିଷ ଖାଲି ରଖନ୍ତୁ ନାହିଁ

ସୁଖସମୃଦ୍ଧିର ସମ୍ପର୍କ ରୋଷେଇ ଘର ସହିତ ଅଛି । ରୋଷେଇ ଘରେ ମାତା ଅନ୍ନପୂର୍ଣ୍ଣାଙ୍କ ବାସ କରନ୍ତି ବୋଲି ବିଶ୍ୱାସ ରହିଛି । ତେଣୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ରୋଷେଇ ଘରେ କିଛି ନିର୍ଦ୍ଦିଷ୍ଟ ଜିନିଷ କେବେ ଖାଲି ହେବା ଉଚିତ୍ ନୁହେଁ । କାରଣ ଏହାଦ୍ୱାରା ମା' ଅନ୍ନପୂର୍ଣ୍ଣାଙ୍କ କୋପଦୃଷ୍ଟି ପଡ଼େ ଏବଂ ଘରେ ଆର୍ଥିକ ସଙ୍କଟ ଦେଖାଯାଏ । ତେବେ ରୋଷେଇ ଘରର ସେସବୁ ଜିନିଷ ସମ୍ପର୍କରେ ଜାଣନ୍ତୁ ।

❒ ପ୍ରଥମ ଜିନିଷ ହେଉଛି ଅଟା । ରୋଷେଇ ଘରେ କେବେ ମଧ୍ୟ ଅଟା ଡବା ଖାଲି ରଖନ୍ତୁ ନାହିଁ । ଅଟା ଡବା ଖାଲି ରହିଲେ ମାନସମ୍ମାନ ହାନି ହୋଇଥାଏ ବୋଲି କୁହାଯାଏ ।

❒ ରୋଷେଇଠାରୁ ଆରମ୍ଭ କରି ପ୍ରତ୍ୟେକ ଶୁଭ କାମରେ ବ୍ୟବହାର ହେଉଥିବା ହଳଦୀକୁ ମଧ୍ୟ ରୋଷେଇ ଘରୁ କେବେ ସରିବାକୁ ଦିଅନ୍ତୁ ନାହିଁ । ଏହା ଦ୍ୱାରା ଗୁରୁ ଦୋଷ ଲାଗିଥାଏ, ସୁଖସମୃଦ୍ଧି ବୃଦ୍ଧି ହୁଏ ନାହିଁ ଏବଂ ଶୁଭକାର୍ଯ୍ୟରେ ବିଳମ୍ବ ହୋଇଥାଏ ।

❒ ଚାଉଳ ସହିତ ଶୁକ୍ର ଗ୍ରହର ସମ୍ପର୍କ ଅଛି । ଶୁକ୍ର ହେଉଛି ଭୌତିକ ସୁଖର କାରକ । ତେଣୁ ରୋଷେଇଘରୁ ଚାଉଳ ଡବାକୁ ସମ୍ପୂର୍ଣ୍ଣ ଖାଲି କରନ୍ତୁ ନାହିଁ ।

❒ ରୋଷେଇ ଘରେ ଲୁଣର ଅଭାବ ମଧ୍ୟ ଆର୍ଥିକ ସଙ୍କଟର କାରଣ ହୋଇଥାଏ । ତେଣୁ କେବେ ମଧ୍ୟ ଲୁଣଡବାକୁ ଖାଲି କରନ୍ତୁ ନାହିଁ ।

# ନବଜାତ ଶିଶୁ କାନ୍ଦନ୍ତି କାହିଁକି



**ଅସହନୀୟ ପ୍ରସବ ଯନ୍ତ୍ରଣା ପରେ ମା' ଜନ୍ମଦିଏ ସନ୍ତାନକୁ। ଆଉ ଯେବେ ସେ ଶୁଣେ ଶିଶୁର ପ୍ରଥମ କୁଆଁ କୁଆଁ କାନ୍ଦ ତା' ମନରେ ଭରିଯାଏ ଅଫୁରନ୍ତ ଆନନ୍ଦ। ଭୁଲିଯାଏ ସେ ସବୁ କଷ୍ଟ ଯନ୍ତ୍ରଣାକୁ। ତେବେ ସବୁ ନବଜାତ ଶିଶୁ କାନ୍ଦନ୍ତି କାହିଁକି ସେକଥା କେବେ ଭାବିଛନ୍ତି ? ଏମିତିକି ଯଦି ଶିଶୁ ନ କାନ୍ଦନ୍ତି, ଜବରଦସ୍ତ ପିଠିକୁ ଥାପୁଡ଼େଇ ଥାପୁଡ଼େଇ ଅବା ଗଳା ସଫାକରି କନ୍ଦାଯାଏ। ଆଉ ଏମିତି କାହିଁକି କରାଯାଏ ଜାଣନ୍ତୁ ସେ ସମ୍ପର୍କରେ...**

ଶିଶୁ ଜନ୍ମ ହେଉ ହେଉ କାନ୍ଦିବା ତା'ର ଜୀବିତ ଓ ସୁସ୍ଥ ଥିବାର ସଙ୍କେତ ଦିଏ। ତେଣୁ ନବଜାତ ଶିଶୁ କାନ୍ଦିବା ନିହାତି ଜରୁରୀ। ଏହି କାନ୍ଦ ସେମାନଙ୍କର ସୁସ୍ଥତାକୁ ଦର୍ଶାଏ। ମା' ଗର୍ଭରେ ନଅ ମାସ ରହିବା ପରେ ଯେବେ ଶିଶୁ ବାହାରକୁ ଆସେ ନୂଆ ଏକ ପରିବେଶରେ ଶ୍ୱାସ ନେବା କଷ୍ଟକର ହୋଇଯାଏ। ତେଣୁ ସେ କାନ୍ଦେ। ବିଶେଷଜ୍ଞଙ୍କ ମତରେ ଶିଶୁ କାନ୍ଦିବା ଦ୍ୱାରା ସେମାନଙ୍କ ଫୁସ୍‌ଫୁସ୍ ଓ ହୃତ୍‌ପିଣ୍ଡ ଠିକ୍ ଭାବେ କାମ କରୁଛି ବୋଲି ଜଣାପଡ଼େ। କେତେଜଣ ବିଶେଷଜ୍ଞ କହନ୍ତି, ଶିଶୁ ଦିନକୁ ୨-୩ ଘଣ୍ଟା କାନ୍ଦିବା ଜରୁରୀ।

ଚିକିତ୍ସା ବିଜ୍ଞାନ ଅନୁସାରେ, ଯେତେବେଳେ ମା' ଗର୍ଭରେ ଶିଶୁ ଥାଏ, ସେ ଏକ ପ୍ୟାକେଟ୍ ଭିତରେ ଥାଏ। ସେହି ପ୍ୟାକେଟ୍ ଭିତରେ ଏକ ସ୍ୱତନ୍ତ୍ର ତରଳ ପଦାର୍ଥ ଥାଏ। ଗର୍ଭ ଭିତରେ ଶିଶୁର ଫୁସ୍‌ଫୁସ୍ ତ ତିଆରି ହୋଇଯାଇଥାଏ, ହେଲେ କାମ କରି ନ ଥାଏ। କାରଣ ସେତେବେଳେ ଜୀବିତ ରହିବା ଲାଗି ନାକ ଅବା ପାଟିରେ ଶ୍ୱାସକ୍ରିୟା କରିବାର ଆବଶ୍ୟକତା ନ ଥାଏ। ଫଳରେ ଏହି ଲିକ୍ୱିଡ୍ ଶିଶୁର ଫୁସ୍‌ଫୁସ୍‌କୁ ଚାଲିଯାଏ। ଯେବେ ଶିଶୁ ଜନ୍ମହୁଏ ଗର୍ଭରେ ତାକୁ ଜୀବିତ ରଖୁଥିବା ଏହି ଲିକ୍ୱିଡ ଶିଶୁର ମୃତ୍ୟୁର କାରଣ ବି ହୋଇପାରେ। ତେଣୁ ଶିଶୁ ଜନ୍ମ ହେଉହେଉ ଡାକ୍ତର ପିଲାର ଦୁଇ ଗୋଡ଼ ଧରି ଓଲଟା ଲଟକାଇ ଧରନ୍ତି। ଏଭଳି କରିବା ଦ୍ୱାରା ଫୁସ୍‌ଫୁସ୍‌ରେ ଜମିଥିବା ଲିକ୍ୱିଡ୍ ବାହାରିଯାଏ ଓ ଶିଶୁ ଶ୍ୱାସକ୍ରିୟ କରିବା ଆରମ୍ଭ କରି କାନ୍ଦିବା ଆରମ୍ଭ କରିଦିଏ। ଲିକ୍ୱିଡ ଫୁସ୍‌ଫୁସ୍‌ରୁ ବାହାରିଯିବା ପରେ ଫୁସ୍‌ଫୁସ୍ କାମ କରିବା ଆରମ୍ଭ କରିଥାଏ, ଯାହାକି ଶେଷନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ କାମ କରିଚାଲେ। ଚିକିତ୍ସା ବିଜ୍ଞାନ ଅନୁସାରେ ଫୁସ୍‌ଫୁସ୍ କାମ କରିବା ଲାଗି କାନ୍ଦିବା ଜରୁରୀ। ଅର୍ଥାତ୍ ଯଦି ଶିଶୁ ଜନ୍ମ ପରେ ଜୋର୍‌ରେ କାନ୍ଦେ ତେବେ ଜଣାଯାଏ ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ। ଆଉ ଯଦି ଶିଶୁ ଧୀର ସ୍ୱରରେ କାନ୍ଦେ ତାହା ଦର୍ଶାଏ ଯେ, ତା'ର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଥାଇପାରେ। ଏବେ ପ୍ରଶ୍ନ ଆସେ ଶିଶୁ ହସିଲେ ବି ତ ଫୁସ୍‌ଫୁସ୍ କାମ କରିବା ଆରମ୍ଭ କରିବ। ତେବେ ଶିଶୁ କାନ୍ଦେ କାହିଁକି ? ହସେନାହିଁ କାହିଁକି ? ଏହାର ଉତ୍ତର ଏଯାଏ ମେଡିକାଲ ସାଇନ୍ସ ପାଖରେ ନାହିଁ।





ପୌରାଣିକ କଥାନୁସାରେ: ଶିଶୁ ଜନ୍ମ ହେବା ପରେ ପରେ କାନ୍ଦିବା ପଛର ପୌରାଣିକ କଥା ବି ରହିଛି। ବିଷ୍ଣୁ ପୁରାଣରେ ଏହାର ଉତ୍ତର ଉଲ୍ଲେଖ ରହିଛି। ସୃଷ୍ଟିକର୍ତ୍ତା ବ୍ରହ୍ମା ମଣିଷକୁ ନିଜ ଭଳି ଗଢ଼ିଛନ୍ତି। ସେଥିପାଇଁ ମଣିଷକୁ ତାଙ୍କର ଅଂଶ ବୋଲି କୁହାଯାଏ। ଯେବେ ବ୍ରହ୍ମା ପ୍ରଥମ ମଣିଷ ତିଆରି କରିଥିଲେ ଓ ନିଜ କୋଳରେ ରଖି ଆତ୍ମାର ସ୍ଥାନାନ୍ତରଣ କଲେ, ମଣିଷ ଉଠୁ ଉଠୁ କହିଲା – ମୁଁ କେଉଁଠି ଅଛି ? ମୁଁ କେଉଁଠି ଅଛି ?

ଆତ୍ମା ନିଜ ଲୋକରେ ଥିଲା। ହଠାତ୍ ତାକୁ ଏକ ଶରୀର ଦିଆଗଲା। ତା'ର ସ୍ଥାନରେ ପରିବର୍ତ୍ତନ ହେଲା। ଯେହେତୁ ଆତ୍ମା ସମ୍ବନ୍ଧିତ ଏହି ପ୍ରକ୍ରିୟା ନିରନ୍ତର ଚାଲିବ, ତାକୁ ବନ୍ଦ କରିହେବନି। ତେଣୁ ଆତ୍ମା ଯେପରି ନୂଆ ଶରୀର ପାଇ ଉଠୁ ଉଠୁ –ମୁଁ କେଉଁଠି ଅଛି ନ କୁହେ, ସେଥିପାଇଁ ବ୍ରହ୍ମା ଶିଶୁଙ୍କ ସ୍ୱରକୁ ନିୟନ୍ତ୍ରିତ କରିଦେଲେ। ହେଲେ କୁହାଯାଏ ଏବେବି ଯଦି ଭଲରେ ଶୁଣାଯାଏ ନବଜାତ ଶିଶୁର ପ୍ରଥମ କାନ୍ଦରେ ବିଷ୍ଣୁ ପୁରାଣରେ ଉଲ୍ଲେଖ କରାଯାଇଥିବା ମୁଁ କେଉଁଠି ଅଛି ? ମୁଁ କେଉଁଠି ଅଛି ? ଶୁଭିବ।

# ପ୍ରାଣଘାତୀ ପାଦ ଘା'

ଡାଇବେଟିସ୍ ରୋଗୀଙ୍କ ପାଇଁ ପ୍ରମୁଖ ସମସ୍ୟା ହେଉଛି ସୁଗାର ଏବଂ ଖାଦ୍ୟକୁ ନିୟନ୍ତ୍ରଣ କରିବା ଓ ନିୟମିତ ଔଷଧ ସେବନ କରିବା। ମାତ୍ର ଡାଇବେଟିସ୍‌ର ଏକ ଜଟିଳ ସମସ୍ୟା ହେଉଛି ଏହା ଜନିତ ପାଦ ଘା' ଯାହାର ପରିଣାମ ପ୍ରାଣଘାତୀ ହୋଇପାରେ। ଡାଇବେଟିସ୍ ପାଦ ଘା' ସାଧାରଣତଃ ଗୋଟିଏ ଛୋଟ ଖଣ୍ଡିଆ ବା ଫୋଟକାରୁ ଆରମ୍ଭ ହୋଇଥାଏ। ଯେହେତୁ ଅଧିକାଂଶ ଡାଇବେଟିସ୍ ରୋଗୀ ସ୍ନାୟୁ ବା ନର୍ଭ ଯନ୍ତ୍ରଣାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଭଲ ଭାବେ ଅନୁଭବ କରିପାରନ୍ତି ନାହିଁ ଏବଂ ସେମାନଙ୍କ କ୍ଷେତ୍ରରେ ପ୍ରାୟତଃ ଗୋଡକୁ ରକ୍ତ ସଞ୍ଚାଳନ ଠିକ୍ ଭାବେ ହୋଇପାରି ନ ଥାଏ ବା କମ୍ ହୋଇଥାଏ, ତେଣୁ ଏହି ଛୋଟ ଖଣ୍ଡିଆ ବା ଫୋଟକା ମଧ୍ୟ ସହଜରେ ନ ଶୁଖି ଘା'ରେ ପରିଣତ ହୋଇଯାଏ। କେତେକଙ୍କ କ୍ଷେତ୍ରରେ ଏହା ଧୀରେ ଧୀରେ ସଂକ୍ରମିତ ହୋଇ ହାଡ଼କୁ ପହଞ୍ଚିବା ସହ ବେଳେ ବେଳେ ଜଟିଳ ହୋଇ ପାଦ କାଟିବା ଭଳି ସ୍ଥିତି ମଧ୍ୟ ଉପୁଜିଥାଏ। ତେବେ ଅତ୍ୟନ୍ତ ଦୁଃଖର ବିଷୟ ଯେ, ଆମ ଦେଶ ଭାରତକୁ ପୃଥିବୀର ଡାଇବେଟିସ୍ କ୍ୟାପିଟାଲ୍ ବୋଲି କୁହାଯାଉଛି। ଏଠାରେ ଥିବା ସମସ୍ତ ଡାଇବେଟିସ୍ ରୋଗୀଙ୍କ ମଧ୍ୟରେ ପ୍ରତି ଚାରିଜଣରେ ଜଣଙ୍କଠାରେ ପାଦ ଘା' ଜନିତ ସମସ୍ୟା ଦେଖାଦେଇଥାଏ। ଦୁର୍ଘଟଣାକୁ ବାଦ୍ ଦେଲେ ଅଧିକାଂଶ ପାଦ କାଟିବାର କାରଣ ହେଉଛି ଡାଇବେଟିସ୍ ଜନିତ ପାଦ ଘା'। ଏହି ଘା' ନା କେବଳ ଶାରୀରିକ କଷ୍ଟ ଦେଇଥାଏ ବରଂ ଏହାର ଚିକିତ୍ସା ଜନିତ ଖର୍ଚ୍ଚ ମଧ୍ୟ ବ୍ୟୟବହୁଳ। ଏମିତିକି ଏଥିପାଇଁ ବର୍ଷ ବର୍ଷର ସଞ୍ଚିତ ଆୟ ବି ଶେଷ ହୋଇଯାଇଥାଏ।

## ପ୍ରମୁଖ କାରଣ

ଭାରତୀୟମାନଙ୍କଠାରେ ଡାଇବେଟିସ୍ ଜନିତ ପାଦ ଘା' ସମସ୍ୟା ଅଧିକ ଦେଖାଦେବାର ମୁଖ୍ୟ କାରଣଗୁଡ଼ିକ ହେଉଛି-

-କେତେକ ସମୁଦାୟରେ ଏବେବି ପ୍ରଚଳିତ ଥିବା ଖାଲି ପାଦରେ ଚାଲିବା ପ୍ରଥା।

– ପାଦକୁ ଠିକ୍ ଭାବରେ ଫିଟ୍ ହେଉ ନ ଥିବା ବା ଟାଇଟ୍ ଜୋତା ପିନ୍ଧିବା।

– ଯଥା ସମୟରେ ଏହାର ଚିକିତ୍ସା ନ କରାଇବା, ବିଶେଷ ଭାବରେ ଗ୍ରାମୀଣ ଅଞ୍ଚଳରେ ଠିକ୍ ସମୟରେ ଚିକିତ୍ସାରେ ଅବହେଳା କରିବା।

– ଅନିୟନ୍ତ୍ରିତ ବ୍ଲଡ୍ ସୁଗାର।

ନିୟନ୍ତ୍ରଣର ଉପାୟ

ଡାଇବେଟିସ୍‌ଜନିତ ପାଦ ଘା' ଏବଂ ଏହାର ଜଟିଳତାକୁ ରୋକିବା ପାଇଁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେଲେ ଏହାକୁ ନିୟନ୍ତ୍ରଣ କରାଯାଇପାରେ। ସେହି ପଦକ୍ଷେପଗୁଡ଼ିକ ହେଲା:

– ଡାଇବେଟିସ୍ ସମସ୍ୟା ଥିଲେ ପ୍ରତିଦିନ ନିଜେ ପାଦକୁ ଯାଞ୍ଚ କରିବା ଦରକାର।

– ଖାଲି ପାଦରେ ଚାଲିବା ଅନୁଚିତ।

– ଠିକ୍ ଫିଟ୍ ହେଉଥିବା ଏବଂ କମ୍ଫର୍ଟେବଲ୍ ଜୋତା ପିନ୍ଧିବା।

– ପ୍ରତିଦିନ ଗୋଡ଼କୁ ଭଲ ଭାବେ ଧୁଅନ୍ତୁ, ବିଶେଷ କରି ଆଙ୍ଗୁଠି ସନ୍ଧିଗୁଡ଼ିକୁ ଭଲ ଭାବେ ଧୋଇ ସଫା କରନ୍ତୁ ଏବଂ ଭଲ ଭାବେ ପୋଛନ୍ତୁ।

– ଶୁଖିଲା ପାଦରେ ପ୍ରତିଦିନ ନଡ଼ିଆ ତେଲ କିମ୍ବା ମଶ୍ଚରାଇଜର୍ ଲଗାନ୍ତୁ।

– ନଖ କାଟନ୍ତୁ ଏବଂ ଏହାକୁ ପରିଷ୍କାର ରଖନ୍ତୁ।

– ପାଦରେ ଘା' ନ ଥିଲେ ବି ଡାଇବେଟିସ୍ ରୋଗୀ ବର୍ଷରେ ଥରେ ଡାକ୍ତରଙ୍କ ନିକଟରେ ପାଦ ପରୀକ୍ଷା କରାଇନେବା ଭଲ।

– ଯଦି ପାଦରେ ଘା' ହୁଏ ଏବଂ ଏହା ଶୁଖିବାରେ ବିଳମ୍ବ ହୁଏ, ସେଥିରୁ ଦୁର୍ଗନ୍ଧ କିମ୍ବା ପୂଜ ବାହାରେ ତେବେ ମନଇଚ୍ଛା ଔଷଧ ନ ଲଗାଇ ଅବା ଆଦୌ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଲେ ଏହା ଶୀଘ୍ର ଠିକ୍ ହୋଇପାରେ।

ଡାଇବେଟିସ୍‌ଜନିତ ପାଦ ଘା' ପ୍ରତିରୋଧ କେବଳ ରୋଗୀଙ୍କ ଦାୟିତ୍ୱ ନୁହେଁ। ତେଣୁ ଏଥିପାଇଁ ଡାକ୍ତର, ନର୍ସ, କମ୍ୟୁନିଟି ହେଲ୍‌ଥ କର୍ମଚାରୀ ଏବଂ ପରିବାର ସଦସ୍ୟମାନଙ୍କ ସହଯୋଗ ଆବଶ୍ୟକ। ଯଦିଓ ଭାରତରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଲୋକଙ୍କୁ ଏ ଦିଗରେ ସତର୍କ କରାଯାଇ ହଜାର ହଜାର ଲୋକଙ୍କ ପାଦ କାଟିବାରୁ ରକ୍ଷା କରାଯାଇପାରୁଛି। ତଥାପି ପରିତାପର ବିଷୟ ଯେ, ଏବେ ବି ପ୍ରତି ୩୦ ସେକେଣ୍ଡରେ ଗୋଟିଏ ପାଦ ଡାଇବେଟିସ୍ ଯୋଗୁ କଟାଯାଉଛି। ତେଣୁ ଏହି ସମସ୍ୟାକୁ ଏକ ଜରୁରିକାଳୀନ ସ୍ଥିତି ଭାବେ ଧରାଯିବା ଆବଶ୍ୟକ। ଡାଇବେଟିସ୍ ରୋଗୀ ନିଜ ପାଦର ଯତ୍ନ ନେବା ସହ ଘା'ର ଲକ୍ଷଣ ଦେଖିବା ମାତ୍ରେ ଅବହେଳା ନ କରି ତୁରନ୍ତ ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା କରାଇନେଲେ ଏହି ସମସ୍ୟାରୁ ଦୂରେଇ ରହିବା ସହିତ ଏକ ସୁସ୍ଥ ଜୀବନ ଜିଇପାରିବେ।

# ବାନ୍ଧବଗଡ଼ ଜାତୀୟ ଉଦ୍ୟାନ





**ମଧ୍ୟପ୍ରଦେଶର ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହେଉଛି ବାନ୍ଧବଗଡ଼ ଜାତୀୟ ଉଦ୍ୟାନ। ମୁଖ୍ୟତଃ ବାଘଙ୍କ ସୁରକ୍ଷା ପ୍ରତି ଏଠାରେ ବିଶେଷ ଧ୍ୟାନ ଦିଆଯାଇଥାଏ। କେବଳ ବାଘ କାହିଁକି ଅନ୍ୟ କେତେକ ବିରଳ ପଶୁପକ୍ଷୀଙ୍କୁ ବି ଏଠାରେ ବେଶ୍ ଯତ୍ନରେ ରଖାଯାଇଥାଏ...**



ମଧ୍ୟପ୍ରଦେଶର ଉମାରିଆ ଜିଲ୍ଲା ଅନ୍ତର୍ଗତ ଏକ ଲୋକପ୍ରିୟ ବନ୍ୟପ୍ରାଣୀ ଅଭୟାରଣ୍ୟ ଭାବେ ବାନ୍ଧବଗଡ଼ ଜାତୀୟ ଉଦ୍ୟାନର ରହିଛି ଅନେକ ଖ୍ୟାତି। ମାତ୍ର ୧୦୫ ବର୍ଗ କି.ମି ପରିସୀମା ବ୍ୟାପ୍ତ ଅଞ୍ଚଳକୁ ନେଇ ଗଢ଼ି ଉଠିଥିବା ଏହି ଅଭୟାରଣ୍ୟର ପରିସୀମା ଧୀରେ ଧୀରେ ବର୍ଦ୍ଧିତ ହୋଇ ବର୍ତ୍ତମାନ ପ୍ରାୟ ୭୧୬ ବର୍ଗ କି.ମିକୁ ଛୁଇଁଲାଣି। ଏଥିରୁ ଅନୁମାନ କରିହୁଏ ଯେ, ଏହି ଅଭୟାରଣ୍ୟରେ କେତେ ସଂଖ୍ୟାରେ ପଶୁପକ୍ଷୀ ରହୁଥିବେ। ମୁଖ୍ୟତଃ ବାଘମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ଏଠାରେ ପ୍ରଥମେ ଯୋଜନା କରାଯାଇଥିଲା। କ୍ରମେ ଅନ୍ୟ କେତେକ ବିରଳ ପଶୁପକ୍ଷୀଙ୍କୁ ବି ଏଠାରେ ସୁରକ୍ଷା ଦିଆଗଲା। ତେଣୁ ଏଠାକୁ ବୁଲିବା ପାଇଁ ଆସୁଥିବା ପର୍ଯ୍ୟଟକ ଏଠାରେ ବାଘଙ୍କ ସମେତ ଅନ୍ୟାନ୍ୟ ବନ୍ୟ ଜୀବଜନ୍ତୁ ତଥା ବିଭିନ୍ନ ପ୍ରଜାତିର ପଶୁପକ୍ଷୀଙ୍କୁ ବି ଦେଖିପାରିବେ।

### ଇତିହାସ

ଇତିହାସ ପୃଷ୍ଠା ଓଲଟାଇଲେ ଜଣାଯାଏ, ଏହି ଅଭୟାରଣ୍ୟଟି ୧୯୬୮ ମସିହାରେ ଏଠାରେ ଗଢ଼ିଉଠିଥିଲା। ଆଉ ସେହି ବର୍ଷ ହିଁ ଏହାକୁ ଜାତୀୟ ଉଦ୍ୟାନର ମାନ୍ୟତା ମିଳିଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୯୩ରେ ବିଶେଷକରି ବାଘଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେବାକୁ ଯାଇ ଏହାର କିଛି ଅଂଶକୁ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ର ଭାବେ ବ୍ୟବହାର କରାଗଲା। ତା'ସହିତ ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ବି ଏଠାରେ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ କରାଯାଉଥିଲା; ଯାହା ଏବେ ବି ଦିଆଯାଉଛି ।

### କ'ଣ ଦେଖିବେ

ବାନ୍ଧବଗଡ଼ ଜାତୀୟ ଉଦ୍ୟାନରେ ବହୁ ସଂଖ୍ୟାରେ ମହାବଳ ବାଘ ଦେଖାଯାଇଥାନ୍ତି। ତା'ସହିତ ପର୍ଯ୍ୟଟକ ଏଠାରେ ଚିତାବାଘ, ହାତୀ, ବନ୍ୟ ମଇଁଷି, ସମ୍ବର, ଗୟଳ, ନୀଳଗାଇ, ଗଧିଆ, ହେଟାବାଘ, ଜଙ୍ଗଲୀ ଘୁଷୁରି, ଭାଲୁ, ହରିଣ ଇତ୍ୟାଦି ପଶୁଙ୍କୁ ବି ଦେଖିପାରିବେ। ତା'ଛଡ଼ା ଶତାଧିକ ପ୍ରଜାତିର ପକ୍ଷୀ ବି ଏଠାରେ ଦେଖାଯାଇଥାନ୍ତି। ଅନ୍ୟପକ୍ଷେ ଏହି ଅଭୟାରଣ୍ୟରେ ବହୁଳ ପରିମାଣରେ ବନସ୍ପତି ବୃକ୍ଷ ବି ରହିଛି। କହିବାକୁ ଗଲେ ପ୍ରକୃତିପ୍ରେମୀ ତଥା ପକ୍ଷୀପ୍ରେମୀଙ୍କ ପାଇଁ ଏହି ସ୍ଥାନଟି କୌଣସି ସ୍ୱର୍ଗଠାରୁ କମ୍ ନୁହେଁ ।

### ସଫାରୀ ଓ ଫଟୋଗ୍ରାଫିର ମଜା ନିଆରା:


ଏହି ଜାତୀୟ ଉଦ୍ୟାନରେ ପର୍ଯ୍ୟଟକ ଦୁଇ ପ୍ରକାର ସଫାରୀର ଆନନ୍ଦ ନେଇପାରିବେ। ଗୋଟିଏ ହେଉଛି ଜିପ୍ ସଫାରୀ ଏବଂ ଅନ୍ୟଟି ହେଉଛି ହାତୀ ସଫାରି ଅର୍ଥାତ୍ ହାତୀ ପିଠିରେ ବସି ବୁଲିବା। ସଫାରୀର ମଜା ନେବା ସହ ପର୍ଯ୍ୟଟକ ଏଠାରେ ଫଟୋଗ୍ରାଫି ବି କରିପାରିବେ। କିନ୍ତୁ ଏଥିପାଇଁ ପୂର୍ବରୁ ଅନୁମତି ନେଇଯିବା ଭଲ।

### କେବେ ଓ କେମିତି ଯିବେ

ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁସାରେ, ଏହି ଜାତୀୟ ଉଦ୍ୟାନକୁ ବୁଲିଯିବା ପାଇଁ ନଭେମ୍ବରରୁ ମେ' ହେଉଛି ସବୁଠୁ ଉପଯୁକ୍ତ ସମୟ। କାରଣ ମେ' ପରେ ଏଠାରେ ଧୀରେ ଧୀରେ ବର୍ଷା ହେବାକୁ ଆରମ୍ଭ କରିଥାଏ। ଯଦ୍ଦ୍ୱାରା ବର୍ଷାଦିନେ ପଶୁପକ୍ଷୀଙ୍କୁ ନିକଟରୁ ଦେଖିବାକୁ ସୁବିଧା ହୁଏନି। ସେହିପରି ଏଠାକୁ ଯିବା ପାଇଁ ସଡ଼କପଥ, ରେଳପଥ ତଥା ଆକାଶପଥର ମଧ୍ୟ ବେଶ୍ ସୁବିଧା ରହିଛି। ପର୍ଯ୍ୟଟକମାନେ ନିଜ ସୁବିଧା ଅନୁଯାୟୀ ଯେକୌଣସି ମାଧ୍ୟମରେ ଯାଇ ଏଠାରେ ଖୁସିରେ ଭ୍ରମଣ କରିପାରିବେ।







## ଶଙ୍ଖ ବଢ଼ାଏ ଧନ ସମ୍ପତ୍ତି

ଶଙ୍ଖ ବିଷୟରେ ଆପଣମାନେ ବହୁତ କିଛି ଶୁଣିଥିବେ। ପ୍ରତିଟି ଶୁଭ କାମରେ ଶଙ୍ଖର ବ୍ୟବହାର ଶୁଭ ମନାଯାଇଥାଏ। ପୂଜାପାଠ ହେଉ ଅବା ବାହାଘର ଆଦିରେ ଶଙ୍ଖର ବ୍ୟବହାର କରାଯାଇଥାଏ। କିନ୍ତୁ ଜାଣିଛନ୍ତି କି ଶଙ୍ଖର ବ୍ୟବହାର ଦ୍ୱାରା ଆପଣଙ୍କୁ ଅମାପ ପ୍ରେମ ଓ ପଇସା ମିଳିପାରିବ। ତେବେ ଏହା ନିର୍ଭର କରୁଛି ଆପଣ କେଉଁ ଭଳି ଶଙ୍ଖ ବ୍ୟବହାର କରିପାରିବେ। ତାହା ହେଲେ ଆସନ୍ତୁ ଜାଣିବା କେଉଁ ଶଙ୍ଖ ଆପଣଙ୍କୁ ସାହାଯ୍ୟ କରିବ।

ଧନର ଦେବୀ ମହାଲକ୍ଷ୍ମୀ ହସ୍ତରେ ଦକ୍ଷିଣାବର୍ତ୍ତୀ ଶଙ୍ଖ ଧରିଥାନ୍ତି। ଏହି ଶଙ୍ଖକୁ ଲକ୍ଷ୍ମୀଙ୍କ ଶଙ୍ଖ ବୋଲି କୁହାଯାଏ। ଏହି ଶଙ୍ଖର ମୁହଁର ଡାହାଣ ଆଡ଼କୁ ହୋଇଥାଏ। କିନ୍ତୁ ସାଧାରଣତଃ ବଜାରରେ ମିଳୁଥିବା ଶଙ୍ଖଗୁଡ଼ିକର ମୁହଁ ବାମଆଡ଼କୁ ହୋଇଥାଏ। ଦକ୍ଷିଣାବର୍ତ୍ତ ଶଙ୍ଖକୁ ମା' ଲକ୍ଷ୍ମୀ ସାମ୍ନାରେ ନାଲି କପଡା ଉପରେ ରଖି ପୂଜା କଲେ ଶୁଭ ହୋଇଥାଏ। ଏହା କରିବା ଦ୍ୱାରା ଘରେ ଲକ୍ଷ୍ମୀ ବାସ କରନ୍ତି ବୋଲି କୁହାଯାଏ।



ଧନ ସମ୍ପତ୍ତିର ଅଭାବ ହୁଏ ନାହିଁ।

ପ୍ରେମ ସମ୍ପର୍କରେ ଫାଟ ଥିଲେ ହୀରା ଶଙ୍ଖ ବହୁତ ଲାଭଦାୟକ। ଯଦି ଜୀବନସାଥୀଙ୍କ ସହ ବେଳେ ବେଳେ ଝଗଡ଼ା ହେଉଛି ତାହା ହେଲେ ଘରେ ହୀରା ଶଙ୍ଖ ରଖନ୍ତୁ। ପ୍ରେମ ସମ୍ପର୍କରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ଦୂର ହୋଇଯିବ। ହୀରା ଶଙ୍ଖ ଶୁକ୍ର ଦୋଷ ଦୂର କରିଥାଏ। ଶୁକ୍ରକୁ ପ୍ରେମର ଗ୍ରହ ବୋଲି ଜ୍ୟୋତିଷ ଶାସ୍ତ୍ରରେ କୁହାଯାଇଛି।

# ବିଶ୍ୱ ବିଜେତା ମହିଳା ଖେଳାଳିଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକ କଲ୍ୟାଣ ମାର୍ଗସ୍ଥିତ ନିଜ ସରକାରୀ ବାସଭବନରେ ମହିଳା ବିଶ୍ୱକପ୍ ଚାମ୍ପିଅନ୍ ଟିମ୍ ଇଣ୍ଡିଆ ଖେଳାଳିଙ୍କୁ ଭେଟିଛନ୍ତି। ହରମନପ୍ରୀତ୍ କୌର୍‌ଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ସାଉଥ୍ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ପ୍ରଥମ ଥର ବିଶ୍ୱକପ୍ ଚାମ୍ପିଅନ୍ ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଟିମ୍‌କୁ ଐତିହାସିକ ବିଜୟ ପାଇଁ ଶୁଭେଚ୍ଛା ଜଣାଇବା ସହିତ ଟୁର୍ଣ୍ଣାମେଣ୍ଟରେ ଲଗାତାର ତିନି ପରାଜୟ ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ ପାଇଁ ଟିମ୍‌କୁ ପ୍ରଶଂସା କରିଥିଲେ। ସେ କହିଛନ୍ତି, ଟିମ୍ କେବଳ ପଡ଼ିଆରେ ନୁହେଁ, ବରଂ ପୂରା ଦେଶର ହୃଦୟରେ ସ୍ଥାନ ହାସଲ କରିଛି। ଏହି ଅବସରରେ ଟିମ୍ ଇଣ୍ଡିଆ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ସମସ୍ତ ଖେଳାଳିଙ୍କ ସ୍ୱାକ୍ଷର ଥିବା ଜର୍ସି ପ୍ରଦାନ କରାଯାଇଥିଲା। କ୍ୟାପ୍ଟେନ୍ ହରମନପ୍ରୀତ୍ ୨୦୧୭ର ସେହି କ୍ଷଣକୁ ସ୍ମରଣ କରିଥିଲେ,



ସେତେବେଳେ ପ୍ରଧାନମନ୍ତ୍ରୀଙ୍କୁ ସେ ବିନା ଟ୍ରଫିରେ ଭେଟିଥିଲେ। ଏବେ ଆମ ହାତରେ ଟ୍ରଫି ରହିଛି, ତେଣୁ ଆମେ ତାଙ୍କୁ ବାରମ୍ବାର ଭେଟିବାକୁ ଚାହିଁବୁ ବୋଲି ସେ ହସି ହସି କହିଥିଲେ। ସେ ପ୍ରଧାନମନ୍ତ୍ରୀଙ୍କୁ ପଚାରିଥିଲେ ଯେ ସର୍ବଦା ବର୍ତ୍ତମାନରେ କିପରି ରହିଥାନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଏହା ତାଙ୍କ ଜୀବନର ଅଂଶବିଶେଷ ଏବଂ ଅଭ୍ୟାସ ହୋଇଯାଇଛି। ପ୍ରଧାନମନ୍ତ୍ରୀ ୨୦୨୧ରେ ହରଲିନ୍ ଦେଓଲ୍‌ଙ୍କ କ୍ୟାଚ୍‌କୁ ମଧ୍ୟ ମନେ ପକାଇଥିଲେ, ଯାହାକୁ ନେଇ ସେ ସୋସିଆଲ୍ ମିଡିଆରେ ପୋଷ୍ଟ୍ କରିଥିଲେ। ଏହି ସାକ୍ଷାତ୍‌କାର ବେଳେ ଟିମ୍‌ର ଭାଇସ୍ କ୍ୟାପ୍ଟେନ୍ ସ୍ମୃତି ମନ୍ଧାନା କହିଥିଲେ, ପ୍ରଧାନମନ୍ତ୍ରୀ ତାଙ୍କୁ ପ୍ରେରିତ କରିଛନ୍ତି ଏବଂ ସମସ୍ତଙ୍କ ପାଇଁ ପ୍ରେରଣା ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ଦୀପ୍ତି ଶର୍ମା କହିଥିଲେ, ଦୀର୍ଘ ସମୟ ଧରି ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର ପ୍ରତୀକ୍ଷା କରିରହିଥିଲେ, ତାହା ଏବେ ସତ୍ୟରେ ପରିଣତ ହୋଇଛି। କଥାବାର୍ତ୍ତା ବେଳେ ମୋଦୀ ଦୀପ୍ତିଙ୍କ 'ଜୟ ଶ୍ରୀରାମ' ଇନ୍‌ଷ୍ଟା ପୋଷ୍ଟ୍ ଏବଂ ତାଙ୍କ ହାତରେ ହୋଇଥିବା ଭଗବାନ ହନୁମାନଙ୍କ ଟାଟୁ ବିଷୟରେ କହିଥିଲେ। ଏହାର ଜବାବରେ ଦୀପ୍ତି କହିଥିଲେ, ଏହା ତାଙ୍କୁ ଶକ୍ତି ଏବଂ ପ୍ରେରଣା ଦେଉଛି। ଭାରତୀୟ ଟିମ୍ ସହିତ ବିସିସିଆଇ ସଭାପତି ମିଥୁନ୍ ମନ୍‌ହାସ୍ ଏବଂ କୋଚ୍ ଅମୋଲ୍ ମଜୁମଦାର ମଧ୍ୟ ଉପସ୍ଥିତ ଥିଲେ। ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ଆହତ ହୋଇଥିବା ପ୍ରତୀକା ରାଓ୍ୱଲ୍‌ଙ୍କୁ ହ୍ୱିଲ୍‌ଚେୟାର୍‌ରେ ଦେଖିବାକୁ ମିଳିଥିଲା। ଭାରତୀୟ ମହିଳା କ୍ରିକେଟ୍ ଟିମ୍ ଷ୍ଟାର୍ ଏୟାରର ଏକ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନ (ଏସ୍୫ ୮୩୨୮)ରେ ମୁମ୍ବାଇରୁ ଆସି ଦିଲ୍ଲୀରେ ପହଞ୍ଚିଥିଲା। ଦିଲ୍ଲୀରେ ଖେଳାଳିଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ହୋଟେଲ୍ ଏବଂ ପରେ ପ୍ରଧାନମନ୍ତ୍ରୀଙ୍କ ବାସଭବନକୁ ନିଆଯାଇଥିଲା।

# ଆଇପିଏଲ୍ ୨୦୨୬ ଖେଳିବେ ଧୋନୀ

ଚେନ୍ନାଇ: ଧୋନୀ ୨୦୨୬ ଆଇପିଏଲ୍ ଖେଳିବେ ବୋଲି ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ସିଇଓ କାଶୀ ବିଶ୍ୱନାଥନ୍ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଧୋନିଙ୍କର ଏବେ ସନ୍ନ୍ୟାସ ନେବାର କୌଣସି ଯୋଜନା ନାହିଁ। ଏକ ମାଗାଜିନ୍‌ରେ ନିଜ ନାତି ନୋଆଙ୍କ ସହ କଥାବାର୍ତ୍ତା ବେଳେ ବିଶ୍ୱନାଥନ୍ କହିଛନ୍ତି, ଧୋନି ପରବର୍ତ୍ତୀ ଆଇପିଏଲ୍ ସିଜନ୍‌ରୁ ଅବସର ନେଉ ନାହାନ୍ତି, ତାଙ୍କ ସହିତ ଏ ସମ୍ପର୍କରେ କଥାବାର୍ତ୍ତା କରିବି।

ଧୋନୀଙ୍କ ନେତୃତ୍ୱରେ ସିଏସ୍‌କେ ୨୦୧୦, ୨୦୧୧, ୨୦୧୮, ୨୦୨୧ ଏବଂ ୨୦୨୩ରେ ଆଇପିଏଲ୍ ଟାଇଟଲ୍ ଜିତିଥିଲା। ଅବଶ୍ୟ ୨୦୨୫ ସିଜନ୍‌ରେ ସିଏସ୍‌କେର ପ୍ରଦର୍ଶନ ବହୁ ଦୁର୍ବଳ ରହିଥିଲା। ଟିମ୍ ୧୪ରୁ ମାତ୍ର ଚାରି ମ୍ୟାଚ୍ ଜିତିଥିବା ବେଳେ ପ୍ରଥମ ଥର ପଏଣ୍ଟ୍ ଟେବଲ୍ ନିମ୍ନରେ ରହିଥିଲା। ନିକଟରେ ଧୋନୀ ନିଜ ଭବିଷ୍ୟତ ସମ୍ପର୍କରେ ଏକ ଇଭେଣ୍ଟ୍‌ରେ କହିଥିଲେ, ମୋ ପାଖରେ ଚିନ୍ତା କରିବା ପାଇଁ ୪-୫ ମାସର ସମୟ ରହିଛି। ମୁଁ କହୁନାହିଁ ମୁଁ ଅଟକି ଯାଇଛି କିମ୍ବା ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। ମୋ ପାଖରେ ପର୍ଯ୍ୟାପ୍ତ ସମୟ ଥିବାରୁ ଚିନ୍ତା କରି ନିଷ୍ପତ୍ତି ନେବା ଭଲ ହେବ। ଏହା ଶୀର୍ଷସ୍ତରୀୟ ପେସାଦାର କ୍ରିକେଟ୍ ହୋଇଥିବାରୁ ପ୍ରତିବର୍ଷ ଶରୀରକୁ ଫିଟ୍ ରଖିବା ପାଇଁ ୧୫% ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ। ଧୋନୀଙ୍କୁ ଏବେ ୪୪ ବର୍ଷ ବୟସ ହୋଇଥିବା ବେଳେ ସେ ଆଇପିଏଲ୍‌ର ସବୁଠୁ ବୟୋଜ୍ୟେଷ୍ଠ ଖେଳାଳି ଥିଲେ। ଋତୁରାଜ ଗାଏକୱାଡ୍ ଆହତ ହେବା ପରେ ତାଙ୍କୁ ଚେନ୍ନାଇର ନେତୃତ୍ୱ ନେବାକୁ ପଡ଼ିଛି। ସେ ଚେନ୍ନାଇକୁ ୪ରୁ ୩ଟି ମ୍ୟାଚ୍‌ରେ ବିଜୟୀ କରାଇଥିଲେ। ସେହିପରି ବ୍ୟାଟର୍ ଭାବେ ସେ ୧୨ ଇନିଂସ୍‌ରେ ୧୯୬ ରନ୍ କରିଥିଲେ ଏବଂ ତାଙ୍କ ସର୍ବଶ୍ରେଷ୍ଠ ସ୍କୋର୍ ୩୦ ଥିଲା।

# ଚତୁର୍ଥ ଟି-୨୦ରେ ଭାରତ ୪୮ ରନ୍‌ରେ ବିଜୟୀ

ଗୋଲ୍ଡକୋଷ୍ଟ୍: ଚତୁର୍ଥ ଟି-୨୦ ମ୍ୟାଚ୍‌ରେ ଭାରତ ୪୮ ରନ୍‌ରେ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ଏହା ଅଷ୍ଟ୍ରେଲିଆ ବିପକ୍ଷରେ ଟି-୨୦ରେ ଭାରତର ଦ୍ୱିତୀୟ ସବୁଠୁ ବଡ଼ ବିଜୟ। ସବୁଠୁ ବଡ଼ ବିଜୟର ରେକର୍ଡ ୭୩ ରନ୍ ରହିଛି, ଯାହା ଭାରତ ୨୦୧୪ରେ ମୀରପୁରରେ ହାସଲ କରିଥିଲା। ସେହିପରି ଅଷ୍ଟ୍ରେଲିଆ ମାଟିରେ ଅଷ୍ଟ୍ରେଲିଆ ବିପକ୍ଷରେ ସବୁଠୁ ବଡ଼ ବିଜୟ। ପୂର୍ବ ରେକର୍ଡ ୩୭ ରନ୍‌ର ଥିଲା, ଯାହା ଭାରତ ୨୦୧୬ରେ ଆଡିଲେଡ୍‌ରେ ସ୍ଥାପନ କରିଥିଲା। ସ୍ଥାନୀୟ କାରାରା ଓଭାଲ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ ପାଇ ନିର୍ଦ୍ଧାରିତ ଓଭର୍‌ରେ ୮ ୱିକେଟ୍ ହରାଇ ୧୬୭ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୧୮.୨ ଓଭର୍‌ରେ ୧୧୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଛି। ୱାଶିଂଟନ୍ ସୁନ୍ଦର ୩ ରନ୍ ଦେଇ ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଅକ୍ଷର ପଟେଲ୍ ଓ ଶୁଭମ୍ ଦୁବେ ଦୁଇଟି ଲେଖାଏଁ ୱିକେଟ୍ ପାଇଥିଲେ। ଏହି ବିଜୟ ସହ ଭାରତ ପାଞ୍ଚ ମ୍ୟାଚ୍‌ର ସିରିଜ୍‌ରେ ୨-୧ରେ ଆଗୁଆ ହୋଇଛି। ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ମ୍ୟାଚ୍ ନଭେମ୍ବର ୮ ତାରିଖରେ ଖେଳାଯିବ। ଅନ୍ତିମ ମ୍ୟାଚ୍‌ରେ ଯଦି ଭାରତ ବିଜୟୀ ହୁଏ ତେବେ ସିରିଜ୍ କବ୍‌ଜା କରିବ।

ଲକ୍ଷ୍ୟର ପିଛା କରୁଥିବା ଅଷ୍ଟ୍ରେଲିଆ ପକ୍ଷରୁ କ୍ୟାପ୍ଟେନ୍ ମିଚେଲ୍ ମାର୍ଶ ଓ ମାଥ୍ୟୁ ଶର୍ଟ ଭଲ ଆରମ୍ଭ ସହ ୩୭ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ତେବେ ୫ମ ଓଭର୍‌ରେ ମାଥ୍ୟୁ ଶର୍ଟ (୨୫)ଙ୍କୁ ଆଉଟ୍ କରି ଅକ୍ଷର ପଟେଲ୍ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ପରେ ମାର୍ଶଙ୍କ ସହ ଜୋଜ୍ ଇଙ୍ଗ୍‌ଲିସ୍ ଇନିଂସ୍ ସମ୍ଭାଳି ୩୦ ରନ୍ ଯୋଡ଼ିଥିଲେ। ନବମ ଓଭର୍‌ରେ ଇଙ୍ଗ୍‌ଲିସ୍ (୧୨)ଙ୍କୁ ଆଉଟ୍ କରି ଅକ୍ଷର ପଟେଲ୍ ଟିମ୍‌କୁ ଦ୍ୱିତୀୟ ଝଟ୍‌କା ଦେଇଥିଲେ। ଦଶମ ଓଭର୍‌ରେ ଶିଭମ୍ ଦୁବେ କ୍ୟାପ୍ଟେନ୍ ମାର୍ଶ (୩୦)ଙ୍କ ୱିକେଟ୍ ଅକ୍ତିଆର କରିବା ପରେ ୧୨ଶ ଓଭର୍‌ରେ ଟିମ୍ ଡେଭିଡ୍ (୧୪)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ୧୪ଶ ଓଭର୍‌ରେ ଜୋଶ୍ ଫିଲିପ୍ (୧୦)ଙ୍କୁ ଆଉଟ୍ କରି ଅର୍ଶଦୀପ୍ ସିଂହ ଅଷ୍ଟ୍ରେଲିଆ ସ୍କୋର୍ ୯୮/୫ କରିଥିଲେ। ପରବର୍ତ୍ତୀ ଓଭର୍‌ରେ ବରୁଣ ଚକ୍ରବର୍ତ୍ତୀ ଗ୍ଲେନ୍ ମାକ୍ସୱେଲ୍ (୨)ଙ୍କୁ ବୋଲ୍ଡ କରି ଟିମ୍‌କୁ ୬ଷ୍ଠ ଝଟ୍‌କା ଦେଇଥିଲେ। ୧୭ତମ ଓଭର୍‌ରେ ଲଗାତାର ଦୁଇଟି ବଲ୍‌ରେ ମାର୍କସ୍ ଷ୍ଟୋଇନିସ୍ (୧୭) ଏବଂ ଜାଭିୟର୍ ବାର୍ଟଲେଟ୍(୦)ଙ୍କୁ ଆଉଟ୍ କରିବା ପରେ ଅନ୍ତିମ ଓଭର୍‌ରେ ଖାତା ଖୋଲିବା ପୂର୍ବରୁ ଆଦାମ୍ ଜାମ୍ପାଙ୍କୁ ପ୍ୟାଭିଲିୟନ୍ ଫେରାଇ ଟି-୨୦ କ୍ରିକେଟ୍‌ରେ ନିଜର ୫୦ ୱିକେଟ୍ ପୂରଣ କରିଥିଲେ। ୧୮ତମ ଓଭର୍‌ରେ ବେନ୍ ଡ୍ୱାର୍‌ଶୁଇସ୍‌ଙ୍କୁ ଆଉଟ୍ କରିବା ପରେ ବୁମ୍‌ରାଙ୍କ ୱିକେଟ୍ ସଂଖ୍ୟା ୯୯ରେ ପହଞ୍ଚିଛି ଏବଂ ଟି-୨୦ ସେ ଭାରତର ଦ୍ୱିତୀୟ ସର୍ବାଧିକ ୱିକେଟ୍ ହାସଲକାରୀ ହୋଇଛନ୍ତି। ଅର୍ଶଦୀପ୍ ସିଂହ ୧୦୫ ୱିକେଟ୍ ସହ ଶୀର୍ଷରେ ରହିଛନ୍ତି। ଟସ୍ ହାରି ବ୍ୟାଟିଂ ପାଇଥିବା ଭାରତ ପକ୍ଷରୁ ଶୁଭମନ ଗିଲ୍ ସର୍ବାଧିକ ୪୬ ରନ୍ କରିଥିଲେ। ସେ ଅଭିଷେକ ଶର୍ମା (୨୮)ଙ୍କ ୫୬ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ। ଅଭିଷେକଙ୍କ ଆଉଟ୍ ପରେ ଗିଲ୍ ଦ୍ୱିତୀୟ ୱିକେଟ୍ ପାଇଁ ଶିଭମ୍ ଦୁବେଙ୍କ ସହ ୩୨ ରନ୍ ଯୋଡ଼ିଥିଲେ। ଦୁବେ ୨୨ ରନ୍ କରି ଆଉଟ୍ ହେବା ପରେ ଗିଲ୍ ନାଥନ୍ ଏଲିସ୍‌ଙ୍କ ବଲ୍‌ରେ ବୋଲ୍ଡ ଆଉଟ୍ ହୋଇଥିଲେ। କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ୧୦ ବଲ୍‌ରେ ଦୁଇଟି ଛକା ସହାୟତାରେ ୨୦ ରନ୍ କରିଥିଲେ। ୱାଶିଂଟନ୍ ସୁନ୍ଦର ୭ ବଲ୍‌ରେ ଦୁଇଟି ଚୌକା ସହାୟତାରେ ୧୨ ରନ୍‌ର ଇନିଂସ୍ ଖେଳିଥିବା ବେଳେ ଅକ୍ଷର ପଟେଲ୍ ୧୧ ବଲ୍‌ରେ ୧-୧ ଛକା ଓ ଚୌକା ସହାୟତାରେ ଅପରାଜିତ ୨୧ ରନ୍ କରି ଟିମ୍‌ର ସ୍କୋର୍ ୧୬୭ ରନ୍‌ରେ ପହଞ୍ଚାଇଥିଲେ। ଅକ୍ଷରଙ୍କୁ ପ୍ଲେୟାର୍ ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ତାଙ୍କ ବ୍ୟତୀତ ତିଳକ ବର୍ମା ୫, ଜିତେଶ ଶର୍ମା ୩ ରନ୍ କରିଥିବା ବେଳେ ଅର୍ଶଦୀପ୍ ଖାତା ଖୋଲିପାରି ନଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ନାଥନ୍ ଏଲିସ୍ ଓ ଆଦାମ୍ ଜାମ୍ପା ୩-୩ ୱିକେଟ୍ ଅକ୍ତିଆର କରିଥିବା ବେଳେ ଜାଭିୟର୍ ବାର୍ଟଲେଟ୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

## ୫ ସହରରେ ଟି-୨୦ ବିଶ୍ୱକପ୍ କରିବାକୁ ବିସିସିଆଇର ନିଷ୍ପତ୍ତି

ମୁମ୍ବାଇ: ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିବାକୁ ଥିବା ପୁରୁଷ ଟି-୨୦ ବିଶ୍ୱକପ୍ ୨୦୨୬ (ମାର୍ଚ୍ଚ-ଏପ୍ରିଲ୍) ପାଇଁ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ପକ୍ଷରୁ ପ୍ରସ୍ତାବିତ କାର୍ଯ୍ୟସୂଚୀ ଆଇସିସିକୁ ପଠାଯାଇଛି। ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ବିସିସିଆଇ କେବଳ ୫ଟି ସହରରେ ମ୍ୟାଚ୍ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଛି, ଯାହା ସମସ୍ତେ 'ଟାୟାର୍ ୧' ସହର ଅଟନ୍ତି।

ଏହି ୫ଟି ସହର ମଧ୍ୟରୁ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଏହା ପୂର୍ବରୁ ଏହି ଷ୍ଟାଡିୟମରେ ୨୦୨୩ ପୁରୁଷ ଦିନିକିଆ ବିଶ୍ୱକପ୍ ଫାଇନାଲ୍ ସମେତ ଅନେକ ଓଟଖ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ୨୦୨୫ ମହିଳା ଦିନିକିଆ ବିଶ୍ୱକପ୍ ଭଳି ରାଜନୈତିକ ଉତ୍ତେଜନା କାରଣରୁ ପାକିସ୍ତାନ ଦଳ ଭାରତ ଗସ୍ତ କରିବ ନାହିଁ। ଆଇସିସି ସହିତ ହୋଇଥିବା ଚୁକ୍ତି ଅନୁଯାୟୀ, ପାକିସ୍ତାନ ସେମାନଙ୍କର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ ଏବଂ ଆଇସିସି ଗୋଟିଏ ସହର ଚୂଡ଼ାନ୍ତ କରିବା ପ୍ରକ୍ରିୟାରେ ଅଛି। ଯଦି ଭାରତ-ପାକିସ୍ତାନ ମଧ୍ୟରେ ଲିଗ୍ ମ୍ୟାଚ୍ ଥାଏ, ତେବେ ତାହା ମଧ୍ୟ କଲମ୍ବୋରେ (ଶ୍ରୀଲଙ୍କା) ଅନୁଷ୍ଠିତ ହେବାର ସମ୍ଭାବନା ଅଛି। ଯଦି ପାକିସ୍ତାନ ଫାଇନାଲ୍ ପାଇଁ ଯୋଗ୍ୟତା ଅର୍ଜନ କରେ, ତେବେ ଫାଇନାଲ୍ ମ୍ୟାଚ୍ ଏକ ନିରପେକ୍ଷ ସ୍ଥାନରେ ଖେଳାଯିବ।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।

**ଯୋଗାଯୋଗ -**
**ରଣଜିତ୍ ପଟ୍ଟନାୟକ**
**ମୁଖ୍ୟ ପ୍ରତିନିଧି**
Email: mediatejaswini@gmail.com

**TARIFF**

Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**